R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୬
ତିଥି: ଏକାଦଶୀ
୨୦ ନଭେମ୍ବର ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 46
20 November 2026, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

୯୦ କିମି ବେଗରେ ଗୋପାଳପୁର-ଚିଲିକା ଛୁଇଁବ

ଭୁବନେଶ୍ୱର, ୧୯ ।୧୧ (ସବ୍ୟୁ) : ବାତ୍ୟା ଅକୱାନ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି । ବିଶେଷ କରି ଉପକୂଳ ଓଡିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଯୋଗୁ ଜନଜୀବନ ଉପରେ ପ୍ରଭାବ ପକାଇଛି । ଆସନ୍ତାକାଲି ଅପରାହ୍ଣରେ ବାତ୍ୟା ଅକୱାନ ୯୦ କିମି ବେଗରେ ଗୋପାଳପୁରଠାରୁ ଚିଲିକା ମଧ୍ୟରେ ମାଡ ହେବ । ଓଡିଶାରେ ବାତ୍ୟାର ପ୍ରଭାବ ଯୋଗୁ ପ୍ରବଳ ବର୍ଷିବ, କିନ୍ତୁ ପବନ କମ୍ ଅନୁଭୂତ ହେବ ।

ଭାରତୀୟ ପାଣିପାଗ ବିଭାଗ କହିବାନୁସାରେ, ବାତ୍ୟା ଅକୱାନ ସନ୍ଧ୍ୟା ସାଢେ ୫ ଟା ସୁଦ୍ଧା ୧୩ କିମି ବେଗରେ ଆଗକୁ ବଢୁଛି । କଳିଙ୍ଗପାଟନମ୍‌ଠାରୁ ୨୭୦ କିମି, ଗୋପାଳପୁରଠାରୁ ୩୫୦ କିମି ଓ ପୁରୀ ଠାରୁ ୪୨୦ କିମି ଦୂରରେ କେନ୍ଦ୍ରୀଭୂତ ରହିଛି । ଏହା ବାତ୍ୟା ରୂପରେ ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ଲ୍ୟାଣ୍ଡଫଲ ପ୍ରକ୍ରିୟା ଆରମ୍ଭ ହେବ । ଏହି ସମୟରେ ପବନ ଘଣ୍ଟାପ୍ରତି ୭୦ରୁ ୮୦ କିମି ଓ ଝଟ୍‌କା ୯୦ କିମି ରହିବ । ଓଡିଶା ଅପେକ୍ଷା ଉତ୍ତର ଆନ୍ଧ୍ରରେ ପବନର ବେଗ ଅଧିକ ରହିବ । ଉତ୍ତର ଆନ୍ଧ୍ରରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦କିମି ଓ ଝଟ୍‌କା ୧୧୦କିମି ରହିବ । ବାତ୍ୟା ପ୍ରଭାବରେ ଗୋପାଳପୁର ଓ ପୁରୀ ବନ୍ଦରକୁ ୧୦ ନମ୍ବର ବିପଦ ସଂକେତ ଜାରି ହୋଇଥିବା ବେଳେ ପାରାଦୀପ ବନ୍ଦରକୁ ୯ ନମ୍ବର ବିପଦ ସଂକେତ ଓ ଧାମରା ବନ୍ଦରକୁ ୩ ନମ୍ବର ବିପଦ ସଂକେତ (୯ ପୃଷ୍ଠାରେ)



- ଓଡ଼ିଶାରେ ଅଧିକ ବର୍ଷିବ, କମ୍ ପବନ
- ଉତ୍ତର ଆନ୍ଧ୍ରରେ ୧୧୦ କିମି ବେଗରେ ପବନ
- ପାରାଦୀପ, ପୁରୀ ବନ୍ଦରକୁ ୧୦ ନମ୍ବର ବିପଦ ସଂକେତ
- ଆଜିବି ପ୍ରବଳ ବର୍ଷା, ଦୁଇ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



୬ ଜିଲ୍ଲାରେ ଆଇସିଆର୍ ସକ୍ରିୟ

ଭୁବନେଶ୍ୱର,୧୯।୧୧(ସବ୍ୟୁ): ବାତ୍ୟା ସମୟରେ ମୋବାଇଲ ନେଟୱାର୍କ ଯେଉଁଭଳି ବାଧାପ୍ରାପ୍ତ ନହୁଏ ସେଥିପାଇଁ ଦୂରସଞ୍ଚାର ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ବାତ୍ୟା ପ୍ରଭାବିତ ହେବାକୁଥିବା ଗଞ୍ଜାମ, ଗଜପତି, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଖୋର୍ଦ୍ଧା ଜିଲ୍ଲାରେ ଇଣ୍ଟ୍ରାସର୍କଲ ରୋମିଂ (ଆଇସିଆର୍) ସକ୍ରିୟ କରାଯାଇଛି । (୯ ପୃଷ୍ଠାରେ)

୩ ଲକ୍ଷରୁ ଉର୍ଦ୍ଧ୍ୱ ସ୍ଥାନାନ୍ତର ୯୨୯୯ ଆଶ୍ରୟସ୍ଥଳ ପ୍ରସ୍ତୁତ



ଭୁବନେଶ୍ୱର, ୧୯ ।୧୧ (ସବ୍ୟୁ) : ସମ୍ଭାବ୍ୟ 'ଅକବାନ୍' ବାତ୍ୟାର ମୁକାବିଲା ଏବଂ ଜନଜୀବନର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ବାତ୍ୟାର ସମ୍ଭାବ୍ୟ ଗତିପଥ ପୁରୀ ଓ ଗୋପାଳପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ରହିବାର ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି । ଏସ୍‌ଆର୍‌ସିଙ୍କ ପକ୍ଷରୁ ଆସିଥିବା ସୂଚନା ଅନୁଯାୟୀ ୨୦ ଜିଲ୍ଲାରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଗଞ୍ଜାମରୁ ସର୍ବାଧିକ ଲୋକ ସ୍ଥାନାନ୍ତର ହୋଇଛନ୍ତି ।

ଗୁରୁବାର ସକାଳେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବା ପରେ ସେ ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲେ । ତାଙ୍କ ସୂଚନା ଅନୁଯାୟୀ, ରାଜ୍ୟର ୬୧୦୯ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଛି । ସେଠାରୁ ଲୋକଙ୍କୁ ପର୍ଯ୍ୟାୟକ୍ରମେ ସ୍ଥାନାନ୍ତର କରାଯାଉଛି । ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୯୨୯୯ଟି ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ ହୋଇଛି । ଏଠାରେ ରନ୍ଧା ଓ ଶୁଖିଲା ଖାଦ୍ୟ, ପାନୀୟ ଜଳ, ଜରୁରୀ ଔଷଧ, ଶିଶୁଙ୍କ ପାଇଁ ଖାଦ୍ୟ ଏବଂ ସାନିଟାରି ନାପକିନ୍ ଆଦିର ବ୍ୟବସ୍ଥା କରାଯାଇଛି । ଆଶା ଓ (୯ ପୃଷ୍ଠାରେ)

ଆଉ ଦୁଇ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର, ୧୯।୧୧ (ସବ୍ୟୁ) : ବାତ୍ୟା ଅକୱାନକୁ ଦୃଷ୍ଟିରେ ରଖି ଆଉ ଦୁଇ ଜିଲ୍ଲାରେ ଆସନ୍ତାକାଲି ଲାଗି ଶିକ୍ଷାନୁଷ୍ଠାନ ଗୁଡିକୁ ଛୁଟି ଘୋଷଣା କରାଯାଇଛି । ଭଦ୍ରକ ଜିଲ୍ଲାରେ ଆସନ୍ତାକାଲି ଲାଗି ସ୍କୁଲ, କଲେଜ, କୋଚିଂ ଓ ଟ୍ୟୁସନ ସେଣ୍ଟର ବନ୍ଦ ରହିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ତେବେ ସମସ୍ତ ଅଙ୍ଗନୱାର୍ଡି କେନ୍ଦ୍ର, ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ କଲେଜ, ଘରୋଇ ଶିକ୍ଷାନୁଷ୍ଠାନ, କୋଚିଂ ଓ ଟ୍ୟୁସନ କେନ୍ଦ୍ର, କେନ୍ଦ୍ରୀୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡିକ ବନ୍ଦ ରହିବ । ସେହିପରି କଟକ ଜିଲ୍ଲା ପାଇଁ ମଧ୍ୟ ଅନୁରୂପ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, କନ୍ଧମାଳ ଓ ଖୋର୍ଦ୍ଧା ଜିଲ୍ଲା ଲାଗି ମଧ୍ୟ ଛୁଟି ଘୋଷଣା କରାଯାଇଛି । ତେବେ ବାତ୍ୟାକୁ ଦୃଷ୍ଟିରେ ରଖି ୨୨ ତାରିଖ ଯାଏ ସମସ୍ତ ସରକାର କର୍ମଚାରୀଙ୍କ ଛୁଟିକୁ ମଧ୍ୟ ବାତିଲ କରାଯାଇଛି । ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ।

ଫେବୃଆରୀ ୧୬ରୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର,୧୯।୧୧(ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସି) ପକ୍ଷରୁ ୨୦୨୭ ଯୁକ୍ତ ୨ ପରୀକ୍ଷା ଲାଗି ତାରିଖ ଘୋଷଣା କରାଯାଇଛି । ଫେବୃଆରୀ ୧୬ରୁ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ବିଷୟରେ ପରୀକ୍ଷା ହେବ । ଯୁକ୍ତ ୨ ପରୀକ୍ଷା ୨୦୨୭ ମାର୍ଚ୍ଚ ୧୮ ଯାଏ ଚାଲିବ । ଏଥର ଯୁକ୍ତ ୨ ପରୀକ୍ଷା ଗୋଟିଏ ସୁଟିଂରେ କରାଯିବ । ପ୍ରତିଦିନ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ । କେଉଁ ଦିନ କେଉଁ ବିଷୟରେ ପରୀକ୍ଷା ରହିଛି ତାହା ଜାଣିବା ପରେ ଛାତ୍ର ଛାତ୍ରୀମାନେ ନିଜକୁ ପ୍ରସ୍ତୁତ କରିପାରିବେ ।

ଡିଜିପି ବିନୟତୋଷଙ୍କ ଅବସରକୁ ଅନୁମତି

ଭୁବନେଶ୍ୱର,୧୯।୧୧(ସବ୍ୟୁ): ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବିନୟତୋଷ ମିଶ୍ର ଚଳିତ ମାସ ୩୦ ତାରିଖରେ ଅବସରଗ୍ରହଣ କରିବେ । ରାଜ୍ୟ ସରକାର ଏନେଇ ତାଙ୍କୁ ଅନୁମତି ଦେଇଛନ୍ତି । ୧୯୯୩ ବ୍ୟାଚର ଆଇପିଏସ୍ ଅଫିସର (୯ ପୃଷ୍ଠାରେ)

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅତ୍ୟାଧୁନିକ ହକି ପ୍ରଶିକ୍ଷଣ କେନ୍ଦ୍ର

୨୪.୧୧ କୋଟି ଟଙ୍କା ମଞ୍ଜୁର, ଶୀଘ୍ର କାମ ଆରମ୍ଭ

ସମ୍ବଲପୁର, ୧୯ ।୧୧ (ସବ୍ୟୁ) : ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଅତ୍ୟାଧୁନିକ ସିନ୍ଥେଟିକ୍ ଟର୍ଫ ହକି ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପ୍ରଶାସନିକ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପ ପାଇଁ ୨୪ କୋଟି ୧୧ ଲକ୍ଷ ୭୧ ହଜାର ୪୧୨ ଟଙ୍କା ବ୍ୟୟ ଅଟକଳକୁ ଅନୁମୋଦନ ରହିଛି ।

ଇଡ଼କୋ ଭୁବନେଶ୍ୱର ଦ୍ୱାରା ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟକାରୀ ହେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମାପ୍ତ କରିବାକୁ ନିର୍ଦ୍ଦେଶ ରହିଛି । ଏଥିପାଇଁ ୩୧ମାର୍ଚ୍ଚ, ୨୦୨୭ ସୁଦ୍ଧା ବ୍ୟୟ ପ୍ରମାଣପତ୍ର ଦାଖଲ କରିବାକୁ ହେବ । ଏହାସହ ତ୍ରୈମାସିକ ପ୍ରଗତି ରିପୋର୍ଟ, ଖର୍ଚ୍ଚ ବିବରଣୀ ଓ ସମାପ୍ତି ପ୍ରମାଣପତ୍ର ନିୟମିତ ଭାବେ ବିଭାଗକୁ ଦାଖଲ କରିବାକୁ କୁହାଯାଇଛି । ତେବେ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବା ଦ୍ୱାରା ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ହକି ପ୍ରତିଭା ମାନେ ବହୁ ଉପକୃତ ହେବେ ବୋଲି ଆଶା କରାଯାଉଛି । ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାର କୁଯୋମରା ବ୍ଲକରେ ହକି ଖେଳାଳୀଙ୍କ ପାଇଁ ଏକ ଅତ୍ୟାଧୁନିକ ଆଷ୍ଟ୍ରାଟର୍ଫ ହକି ଷ୍ଟାଡ଼ିୟମ ନିର୍ମାଣ କରାଯାଇଛି । ଏହା ଦ୍ୱାରା ଗ୍ରାମାଞ୍ଚଳର (୯ ପୃଷ୍ଠାରେ)

ଟ୍ରମ୍ପ, ପୁଟିନ, ଜିନ୍‌ପିଙ୍ଗଙ୍କ ବୈଠକ

ଶାନ୍ତି ଘୋଷଣାନାମା : ପରମାଣୁ ଯୁଦ୍ଧ ଭୟାବହତାକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୯ ।୧୧ : ଆମେରିକା, ରୁଷିଆ ଓ ଚୀନ୍ ମଧ୍ୟରେ ଶାନ୍ତି ଓ ସହଯୋଗର ନୂଆ ଅଧ୍ୟାୟ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏକ ଐତିହାସିକ ତ୍ରିପାକ୍ଷିକ ବୈଠକ ପରେ ମିଳିତ ଶାନ୍ତି ଘୋଷଣାନାମା ଜାରି କରିଛନ୍ତି । ଗୁରୁବାର ଚୀନ୍‌ର ଶେନ୍‌ଜେନ୍‌ସ୍ଥିତ କିଲିନ୍ ଭିଲ୍ଲାରେ ଏସିଆ-ପାସିଫିକ୍ ଅର୍ଥନୈତିକ ସହଯୋଗ (ଏପିଇସି) ସମ୍ମିଳନୀ ଅବସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୮୦ ମିନିଟ୍ ଧରି ତିନି ନେତା ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗରେ



ଆଲୋଚନା କରିଥିଲେ । ଏହା ତିନି ରାଷ୍ଟ୍ରମୁଖ୍ୟଙ୍କ ପ୍ରଥମ ତ୍ରିପାକ୍ଷିକ ବୈଠକ ।

ଘୋଷଣାନାମାରେ ପରମାଣୁ ଯୁଦ୍ଧର ଭୟାବହତା ଉପରେ ଗୁରୁତ୍ୱ ଦେଇ କୁହାଯାଇଛି, "ପରମାଣୁ ଯୁଦ୍ଧରେ କେହି ବିଜୟୀ ହୋଇପାରିବେ ନାହିଁ ଏବଂ ଏପରି ଯୁଦ୍ଧ କେବେ ହେବା ଉଚିତ ନୁହେଁ ।" ଏଥିସହ ପେଟ୍ରୋଲିୟମ୍ ଉତ୍ପାଦନ ଓ ଯୋଗାଣ ବୃଦ୍ଧି ଉପରେ ମଧ୍ୟ ସହମତି ପ୍ରକାଶ ପାଇଛି । ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ଓ ଅନ୍ୟ ସମାନ ସଂସ୍ଥା ନିଜ କ୍ଷମତାର ଅପବ୍ୟବହାର କରିବା ଉଚିତ ନୁହେଁ ବୋଲି ତିନି ନେତା ମତ ଦେଇଛନ୍ତି ।

ବୈଠକରେ ୟୁକ୍ରେନ୍ ଯୁଦ୍ଧ, ଖାଦ୍ୟ ଓ ଶକ୍ତି ସୁରକ୍ଷା ଏବଂ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ପ୍ରସଙ୍ଗ ଉଠିଥିଲା । ଟ୍ରମ୍ପ କହିଥିଲେ, ବିଶ୍ୱର ତିନି ପ୍ରମୁଖ ରାଷ୍ଟ୍ରର ନେତା ଭାବେ ବିଶ୍ୱଶାନ୍ତି ପାଇଁ ସେମାନଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି । ଇରାନକୁ (୯ ପୃଷ୍ଠାରେ)

ପନ୍ନୁ ହତ୍ୟା ଷଡ଼ଯନ୍ତ୍ର ମାମଲା

ସମନ ଲାଗି ଦିଲ୍ଲୀ ଅଦାଲତର ସହାୟତା ଲୋଡ଼ିଲା ଆମେରିକା କୋର୍ଟ

ନୂଆଦିଲ୍ଲୀ, ୧୯ ।୧୧ : ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରପତୱନ୍ତ ସିଂହ ପନ୍ନୁଙ୍କୁ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ସମ୍ପର୍କିତ ମାମଲାରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏବଂ 'ର'ର ପୂର୍ବତନ ମୁଖ୍ୟ ସାମନ୍ତ ଗୋଏଲଙ୍କୁ ସମନ ଜାରି କରିବା ପାଇଁ ଦିଲ୍ଲୀର ଅଦାଲତଗୁଡ଼ିକର ସହାୟତା ଲୋଡ଼ିଛନ୍ତି ଆମେରିକାର ଏକ ଅଦାଲତ । ନ୍ୟୁୟର୍କସ୍ଥିତ ଆମେରିକାର ସଦର୍ଣ୍ଣ ଡିଷ୍ଟ୍ରିକ୍ଟ କୋର୍ଟ ନଭେମ୍ବର ୧୩ରେ ଏନେଇ ଏକ ଆଦେଶ ଜାରି କରିଛନ୍ତି ।

ଏହି ଆଦେଶରେ ଦିଲ୍ଲୀର ପଟିଆଲା ହାଉସ୍, ଦ୍ୱାରକା ଏବଂ ତିସ୍ ହଜାରୀ ଅଦାଲତଙ୍କୁ ସମନ ଓ ଅନ୍ୟାନ୍ୟ ନ୍ୟାୟିକ ଦସ୍ତାବିଜ ଗ୍ରହଣ କରିବା ସହ ଡୋଭାଲ ଓ ଗୋଏଲଙ୍କ ନିକଟରେ ପହଞ୍ଚାଇବାକୁ ଅନୁରୋଧ କରାଯାଇଛି । ହେଗ୍ କନଭେନସନ୍ ଏବଂ ଭାରତୀୟ ଆଇନ ଅନୁଯାୟୀ ବିଦେଶୀ ନ୍ୟାୟିକ ଦସ୍ତାବିଜ ପହଞ୍ଚାଇବାର ବ୍ୟବସ୍ଥା ଆଧାରରେ ଏହି ଅନୁରୋଧ କରାଯାଇଛି । ସମନ ପହଞ୍ଚାଇବା ପ୍ରକ୍ରିୟା ସମ୍ପର୍କିତ ଲିଖିତ ବିବରଣୀ ମଧ୍ୟ ଆମେରିକା ଅଦାଲତକୁ ପଠାଇବାକୁ କୁହାଯାଇଛି ।

ଶିଖ୍‌ସ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ଆଇନ ପରାମର୍ଶଦାତା ପନ୍ନୁ ୨୦୨୪ରେ ଏହି ମାମଲା ରୁଜୁ କରିଥିଲେ । ଏଥିରେ ଭାରତ ସରକାର, ଡୋଭାଲ, ଗୋଏଲଙ୍କ ସମେତ (୯ ପୃଷ୍ଠାରେ)

ଅକୱାନ ଲାଗି ୩୯ ଟ୍ରେନ୍ ବାତିଲ

ଭୁବନେଶ୍ୱର,୧୯।୧୧(ସବ୍ୟୁ): ବାତ୍ୟା ଅକୱାନ ପାଇଁ ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ପୂର୍ବତଟ ରେଳବାଇ ପକ୍ଷରୁ ପ୍ରସ୍ତୁତି କରାଯାଇଛି । ୩୯ଟି ଟ୍ରେନରୁ ବାତିଲ କରାଯାଇଥିବା ବେଳେ ୨୬ ଟ୍ରେନର ସମୟ ପରିବର୍ତ୍ତନ କରାଯାଇଛି । ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଓ ଲ୍ୟାଣ୍ଡଫଲକୁ ଦୃଷ୍ଟିରେ ରଖି ଟ୍ରେନ ଚଳାଚଳ ଉପରେ ଉଚ୍ଚସ୍ତରୀୟ ଟିମ ନଜର ରଖାଯାଇଛି । ଉପକୂଳ ଅଞ୍ଚଳରେ ଟ୍ରାକ ପ୍ରାଟ୍ରୋଲିଂକୁ ଜୋରଦାର କରାଯାଇଛି । ଯାତ୍ରୀଙ୍କ ଟ୍ରେନ ବାତିଲ ଓ ସମୟ ପରିବର୍ତ୍ତନ ସମ୍ପର୍କିତ ସୂଚନା ସୋସିଆଲ ମିଡିଆ, ଆପ ଓ ଷ୍ଟେସନରେ ଘୋଷଣା ମଧ୍ୟ କରାଯାଇଛି । ପ୍ରତି ଷ୍ଟେସନରେ ଯାତ୍ରୀଙ୍କ (୯ ପୃଷ୍ଠାରେ)

ଦ୍ୱିତୀୟ ଦିନରେ ବି ଗୃହ ଅଚଳ

ଭୁବନେଶ୍ୱର, ୧୯ ।୧୧ (ସବ୍ୟୁ): ବିରୋଧୀଙ୍କ ହଟ୍ଟଗୋଳରେ ଆଜି ବି ଧୋଇଗଲା ଦ୍ୱିତୀୟ ଦନି । ବିରୋଧୀଙ୍କ ହଙ୍ଗାମାରେ ଗୃହ ଅଚଳ ହୋଇଛି । ବିଜେଡି ଓ କଂଗ୍ରେସର ସଦସ୍ୟମାନେ ରିପୋର୍ଟର୍ସ ଟେବୁଲ ଉପରେ ଚଢ଼ି ପ୍ରତିବାଦ କଲେ । ଗଞ୍ଜାମ ବନ୍ୟା ଓ କୋଟିଆ ପ୍ରସଙ୍ଗକୁ ନେଇ ଗୃହକୁ ହୁଲସ୍ଥୁଲ କରିଥିଲେ ବିରୋଧୀ । ଦ୍ୱିତୀୟ ଦନ ମାତ୍ର ୧୪ ମିନିଟ୍ ଚାଲିଲା ଗୃହ । ବାଚସ୍ପତି ସୁରମା ପାଢ଼ୀ ଗୃହ ସୁପରିଚାଳନା ଲାଗି ସର୍ବଦଳୀୟ ବୈଠକ ଡାକିଲେ ମଧ୍ୟ ତାହା ବିଫଳ ହୋଇଥିଲା ।



- ବିରୋଧୀଙ୍କ ହଙ୍ଗାମାରେ ପୁଣି ଅଚଳ
- ରିପୋର୍ଟର୍ସ ଟେବୁଲରେ ଚଢ଼ିଲେ ବିରୋଧୀ
- ପ୍ରଥମାର୍ଦ୍ଧ ମାତ୍ର ୭ ମିନିଟ, ଦ୍ୱିତୀୟାର୍ଦ୍ଧ ୭ ମିନିଟ
- ସର୍ବଦଳୀୟ ବୈଠକ ବିଫଳ

ଗୁରୁବାର ଆରମ୍ଭରୁ ଗୃହକୁ କମ୍ପାଇଥିଲେ ବିରୋଧୀ । ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହୋହାଲ୍ଲା ଆରମ୍ଭ କରିଥିଲେ । ଗୃହ ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜୀ କରିଥିଲେ ବିରୋଧୀ । ଏହି ହଟ୍ଟଗୋଳ ଭିତରେ ବିଧାୟକ ଭାସ୍କର ମଢ଼େଇଙ୍କ ପ୍ରଶ୍ନର ଉତ୍ତର ରଖୁଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ନିଜ ଅଞ୍ଚଳରେ ଜଳସେଚନ ସୁବିଧା ବିଷୟରେ ସେ ପ୍ରଶ୍ନ କରିଥିଲେ । ମନ୍ତ୍ରୀ ଉତ୍ତର ଦେବାକୁ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ବିଜେଡି ସଦସ୍ୟ ଧ୍ରୁବଚରଣ ସାହୁ ରିପୋର୍ଟର୍ସ ଟେବୁଲ ଉପରେ ଚଢ଼ି ଯାଇଥିଲେ । ବିଜେଡି ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ଟେବୁଲରେ ଚଢ଼ିଥିଲେ । ହାତରେ ଥିଲା ପ୍ଲାକାର୍ଡ । ଗଞ୍ଜାମରେ ମନୁଷ୍ୟକୃତ ବନ୍ୟା ପାଇଁ ବିଜେପି ସରକାର ଦାୟୀ । (୯ ପୃଷ୍ଠାରେ)

ଜାଲ୍ ଭୋଟର ନାମ ଆବେଦନ ଅଭିଯୋଗର ତଦନ୍ତ କର

ନୂଆଦିଲ୍ଲୀ, ୧୯ ।୧୧ : ଦିଲ୍ଲୀର ମୁସ୍ତାଫାବାଦ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରୁ ନାମ ବାଦ୍ ଦେବା ପାଇଁ ଜାଲ୍ ଓ ଜାଲିଆତିପୂର୍ଣ୍ଣ ଫର୍ମ-୭ ଆବେଦନ ଦାଖଲ ହୋଇଥିବା ଅଭିଯୋଗର ଯାଞ୍ଚ କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଅଭିଯୋଗଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ସହ ଆଇନ ଅନୁଯାୟୀ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନେବାକୁ ଗୁରୁବାର କୋର୍ଟ କହିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ସମୟରେ ମୁସ୍ତାଫାବାଦ ଅଞ୍ଚଳରେ ମିଥ୍ୟା ଫର୍ମ-୭ ଆବେଦନ ଦାଖଲ କରାଯାଇଥିବା ଆବେଦନକାରୀ ଅଭିଯୋଗ କରିଥିଲେ ।



ଫର୍ମ-୭ ହେଉଛି ଭୋଟର ତାଲିକାରେ ନୂଆ ନାମ ସାମିଲ କରିବା କିମ୍ବା ପୂର୍ବରୁ ଥିବା ନାମ ବାଦ୍ ଦେବା ସମ୍ପର୍କରେ ଆପତ୍ତି ଦାଖଲ



ছাত্রছাত্রীদের জন্য বিশেষ ব্যবস্থা

১ম বর্ষের ক্লাস শুরু হওয়ার আগে ছাত্রছাত্রীদের জন্য বিশেষ ব্যবস্থা করেছে কলকাতা বিশ্ববিদ্যালয়। ১৫ দিনের এই ক্লাসে ছাত্রছাত্রীদের ইংরেজি, অঙ্ক, বিজ্ঞান, কম্পিউটার ও সাধারণ জ্ঞান সম্পর্কে ধারণা দেওয়া হবে। ক্লাস করানো হবে বিশ্ববিদ্যালয়ের শিক্ষকদের পাশাপাশি বাইরের বিশেষজ্ঞদের দিয়েও। ক্লাস শেষে পরীক্ষা নেওয়া হবে। পরীক্ষায় যারা ভাল ফল করবে, তাদের বিশ্ববিদ্যালয়ের বিভিন্ন বিভাগে ভর্তির সময় অগ্রাধিকার দেওয়া হবে। ছাত্রছাত্রীদের সুবিধার জন্য বিশ্ববিদ্যালয়ের বিভিন্ন ক্যাম্পাসে ক্লাস করানোর ব্যবস্থা করা হয়েছে। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন।



প্রাণায়াম- ছন্দ, শ্বাস, ব্যপ্তি, খণ্ডবিভাগ,ধ্রুপদ, তাল, ঝঙ্কার, প্রস্তাবনা, সমতাল, এমাত্রামাত্রিক, ধ্রুপদ, চৌক, চৌতাল ইত্যাদি। ধ্রুপদ শৈলীর বিশিষ্ট গায়ক। **ধ্রুপাদী-** ধ্রুপদ রূপে প্রচলিত হিন্দি বাংলা কবি বিদ্যাপতি এই ধ্রুপদী ধারার অন্যতম কবি। এমা ভোম শিউলি হিন্দি বাংলা কবি বিদ্যাপতি এই ধ্রুপদী ধারার অন্যতম কবি। এমা ভোম শিউলি হিন্দি বাংলা কবি বিদ্যাপতি এই ধ্রুপদী ধারার অন্যতম কবি।

ওয়েস্ট বেঙ্গল

বিশ্বে | ওর্ণাচ ২৫৫৩ শাওঁশঘ শ্বপ্নরাত বিশ্বে ঢ়ঁশ্বে | ওর্ণাচ ২৫৫৩ শাওঁশঘ শ্বপ্নরাত বিশ্বে ঢ়ঁশ্বে | ওর্ণাচ ২৫৫৩ শাওঁশঘ শ্বপ্নরাত বিশ্বে ঢ়ঁশ্বে | ওর্ণাচ ২৫৫৩ শাওঁশঘ শ্বপ্নরাত



এবেঁএক | ঘুএর ঙক ঙাবে ঘুবেঙা বেঙ ঘবেঁএক | ঘুএর ঙক ঙাবে ঘুবেঙা বেঙ ঘবেঁএক | ঘুএর ঙক ঙাবে ঘুবেঙা বেঙ

ছাত্রছাত্রীদের জন্য বিশেষ ব্যবস্থা

ছাত্রছাত্রীদের জন্য বিশেষ ব্যবস্থা করেছে কলকাতা বিশ্ববিদ্যালয়। ১৫ দিনের এই ক্লাসে ছাত্রছাত্রীদের ইংরেজি, অঙ্ক, বিজ্ঞান, কম্পিউটার ও সাধারণ জ্ঞান সম্পর্কে ধারণা দেওয়া হবে। ক্লাস করানো হবে বিশ্ববিদ্যালয়ের শিক্ষকদের পাশাপাশি বাইরের বিশেষজ্ঞদের দিয়েও। ক্লাস শেষে পরীক্ষা নেওয়া হবে। পরীক্ষায় যারা ভাল ফল করবে, তাদের বিশ্ববিদ্যালয়ের বিভিন্ন বিভাগে ভর্তির সময় অগ্রাধিকার দেওয়া হবে। ছাত্রছাত্রীদের সুবিধার জন্য বিশ্ববিদ্যালয়ের বিভিন্ন ক্যাম্পাসে ক্লাস করানোর ব্যবস্থা করা হয়েছে। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন।



ছাত্রছাত্রীদের জন্য বিশেষ ব্যবস্থা

ছাত্রছাত্রীদের জন্য বিশেষ ব্যবস্থা করেছে কলকাতা বিশ্ববিদ্যালয়। ১৫ দিনের এই ক্লাসে ছাত্রছাত্রীদের ইংরেজি, অঙ্ক, বিজ্ঞান, কম্পিউটার ও সাধারণ জ্ঞান সম্পর্কে ধারণা দেওয়া হবে। ক্লাস করানো হবে বিশ্ববিদ্যালয়ের শিক্ষকদের পাশাপাশি বাইরের বিশেষজ্ঞদের দিয়েও। ক্লাস শেষে পরীক্ষা নেওয়া হবে। পরীক্ষায় যারা ভাল ফল করবে, তাদের বিশ্ববিদ্যালয়ের বিভিন্ন বিভাগে ভর্তির সময় অগ্রাধিকার দেওয়া হবে। ছাত্রছাত্রীদের সুবিধার জন্য বিশ্ববিদ্যালয়ের বিভিন্ন ক্যাম্পাসে ক্লাস করানোর ব্যবস্থা করা হয়েছে। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন। ক্লাস করানোর জন্য বিশ্ববিদ্যালয়ের ৩০ জন শিক্ষক ও শিক্ষিকা নিযুক্ত হয়েছেন।

ছোটদের আসর

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘର କର୍ମକର୍ତ୍ତା



ଭୁବନେଶ୍ୱର(ସବୁ୍ୟ): ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ବର୍ଗର ସଂରକ୍ଷଣ ବ୍ୟବସ୍ଥାକୁ ବୃଦ୍ଧି କରିଥିବାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ବିଭିନ୍ନ ଦାବି ବିଷୟରେ ଆଲୋଚନା ଓଡିଶା ଇଂଜିନିୟରିଂ ଛାତ୍ର ସଂଘ । ଗୁରୁବାର ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଏହି ଅବସରରେ ସଂଘର ମୁଖ୍ୟ ଉପଦେଷ୍ଟା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ତ‰ାବଧାନରେ ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ବିଭିନ୍ନ ଆଲୋଚନା କରିଥିଲେ । ଏଥିସହ ଓଡ଼ିଶା ସରକାର ଆଗାମୀ ଦିନରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟକ୍ରମ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁସିବ୍ୟକ୍ତ କରିବା ସହ ସମସ୍ତ ଦାବି ବିଷୟରେ ସରକାର ଗୁରୁତ୍ୱର ସହ କାର୍ଯ୍ୟ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ଓଡିଶା ଇଞ୍ଜିନିଅରିଂ ଛାତ୍ର ସଂଘର ଆବାହକ ସୁମନ କୁମାର ସାହୁ, ରାଜେଶ ପାଣି, ସହ ଆବାହକ ଗୋପାଳ କୃଷ୍ଣ ସାହୁ, ବିଷ୍ଣୁ ପ୍ରସାଦ ପାତ୍ର, ସଭାପତି ଆର୍ଯ୍ୟନ ଦାସ, ଶକ୍ତି ସ୍ମାରକ, ଅଖିଳେଶ କୁମାର, ଅଙ୍କିତ ଯାଦବ, ଜ୍ୟୋତି ପ୍ରଧାନ, ପୁପୁନ ଜେନା, ଓମ ରାଉତ, ଆୟୁଷ ସାମନ୍ତରାୟ, ସୌଭାଗ୍ୟ ରଞ୍ଜନ, ଆୟୁଷ ରେଡ୍ଡୀ ସମେତ ବହୁ ଛାତ୍ରନେତା ଉପସ୍ଥିତ ଥିଲେ ।

ଭୁବନେଶ୍ୱରସ୍ଥିତ ଆଇସିଏଆର-ସିୱା ଠାରେ

'ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳା ୨୦୨୬' ଆରମ୍ଭ

ଭୁବନେଶ୍ୱର, (ସବୁ୍ୟ) : ଭୁବନେଶ୍ୱର ସ୍ଥିତ ଆଇସିଏଆର-ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର୍ ୱିମେନ ଇନ ଏଗ୍ରିକଲଚର୍ (ସିଓ୍ୱା) ଠାରେ ଗୁରୁବାର 'ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳା ୨୦୨୬' ଆରମ୍ଭ ହୋଇଛି । ଏହି ମେଳାର ବିଷୟବସ୍ତୁ ହେଉଛି କୃଷି-ଖାଦ୍ୟ ପ୍ରଣାଳୀରେ ମହିଳା ସଶକ୍ତିକରଣ ମହୋତ୍ସବ । ୧୯ ରୁ ୨୧ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ମେଳାର ଲକ୍ଷ୍ୟ ହେଉଛି କୃଷି ପ୍ରଯୁକ୍ତିବିଦ୍ୟା, ନବସୃଜନ, ଉତ୍ତମ କାର୍ଯ୍ୟପଦ୍ଧତି ଏବଂ ଉଦ୍ୟୋଗୀ ସୁଯୋଗ ଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଏକ ସକ୍ରିୟମଞ୍ଚ ଯୋଗାଇବା । ଏଥିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ମହିଳାମାନଙ୍କ ଭୂମିକାକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଦେଶର ପୂର୍ବାଞ୍ଚଳ (ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ) ରୁ କୃଷକ, ମହିଳା କୃଷକ, ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, କୃଷି ଅନୁଷ୍ଠାନ, ବିକାଶମୂଳକ ସଂସ୍ଥା, ଉଦ୍ୟୋଗୀ, କୃଷକ ଉତ୍ପାଦକ ସଂଗଠନ (ଏଫପିଓ), ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଏକତ୍ରିତ କରିଛି । ଏହାର ଉଦ୍ଦେଶ୍ୟ ହେଉଛି କୃଷକ ଓ ବୈଜ୍ଞାନିକଙ୍କ ମଧ୍ୟରେ ପାରସ୍ପରିକ ଯୋଗାଯୋଗକୁ ସୁଦୃଢ଼ କରିବା, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତରକୁ ସୁଗମ କରିବା, ମହିଳାଙ୍କ ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ବଜାର ସଂଯୋଗ ତଥା ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ସମନଓ୍ୱୟ ସ୍ଥାପନ ପାଇଁ ସୁଯୋଗ ସୃଷ୍ଟି କରିବା ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ବରିଷ୍ଠ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ଏବଂ ନିଜର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ଆଇସିଏଆର ର ମହାନିର୍ଦ୍ଦେଶକ ଡ. ଏମ. ଏଲ. ଜାଟ, ଉପ-ମହାନିର୍ଦ୍ଦେଶକ (ମତ୍ସ୍ୟ ବିଜ୍ଞାନ) ଡ. ଜେ. କେ. ଜେନା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ ରାଉଲ, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ସହକାରୀ ମହାନିର୍ଦ୍ଦେଶକ (କୃଷି ସମ୍ପ୍ରସାରଣ) ଡ. ଆର୍. ଆର୍. ବର୍ମନ ଏବଂ ଭୁବନେଶ୍ୱର ଆସିଏଆର-ସିଓ୍ୱା ର ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଆଇସିଏଆରର ମହାନିର୍ଦ୍ଦେଶକ ତାଙ୍କ ବାର୍ତ୍ତାରେ ଗୁରୁତ୍ୱାରୋପ କରି କହିଲେ ଯେ, କୃଷି ଓ ଏହା ସହ ଜଡ଼ିତ କ୍ଷେତ୍ରଗୁଡ଼ିକରେ ମହିଳାମାନଙ୍କ ଅବଦାନ ଅପରିହାର୍ଯ୍ୟ । ଅନ୍ତର୍ଭୁକ୍ତମୂଳକ କୃଷି ବିକାଶ ଏବଂ 'ବିକସିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ କରିବା ପାଇଁ ବିଜ୍ଞାନ-ଭିତ୍ତିକ ନବସୃଜନ, ଲିଙ୍ଗ-ସମ୍ବେଦନଶୀଳ ପ୍ରଯୁକ୍ତିବିଦ୍ୟା, ଉଦ୍ୟୋଗୀତା ଏବଂ ସାଂସ୍ଥାଗତ ସହାୟତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ଅତ୍ୟନ୍ତ ଆବଶ୍ୟକ । ସେ ମହିଳା କୃଷକମାନଙ୍କ ନିକଟରେ କୃଷି ଅନୁସନ୍ଧାନ ଓ ସମ୍ପ୍ରସାରଣ ସେବାର ପହଞ୍ଚକୁ ସୁଦୃଢ଼ କରିବା ଉପରେ ଜୋର୍ ଦେଇଥିଲେ । ଭୁବନେଶ୍ୱର ଆଇସିଏଆରର ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀ, 'ଆଞ୍ଚଳିକ କୃଷି ମେଳା ୨୦୨୬' ଆୟୋଜନ କରିବାରେ ସହଯୋଗ ଏବଂ ମାର୍ଗଦର୍ଶନ ପାଇଁ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ 'କୃଷି ଓ କୃଷକ କଲ୍ୟାଣ ବିଭାଗ'କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ।

୧୬ ସାଇବର ଠକ ଗିରଫ

ଭୁବନେଶ୍ୱର, (ସବୁ୍ୟ) : ପଶ୍ଚିମବଙ୍ଗ ପୋଲିସ କମିଶନରେଟ୍ ପୋଲିସ ସହାୟତାରେ ୧୬ ସାଇବର ଠକଙ୍କୁ ପାହାଳ ଥାନା ଅଞ୍ଚଳରୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି । ପଶ୍ଚିମବଙ୍ଗ ରାଜରହାଟ ଥାନା କେସ୍ ନମ୍ବର ୨୨୬ରେ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ସାଇବର ଠକେଇ ମାମଲା ରୁଜୁ କରାଯାଇଥିଲା । ସେମାନେ ସେଠାରେ ଠକେଇ କରି ପାହାଳ ଥାନା ଅଞ୍ଚଳରେ ଆସି ଭଡାରେ ରହୁଥିବା ରାଜରହାଟ ଥାନା ପୋଲିସ ଜାଣିବା ପରେ ତାଙ୍କୁ ଗିରଫ କରିବା ପାଇଁ କମିଶନରେଟ୍ ପୋଲିସ ସହ ଯୋଗାଯୋଗ କରି ଆସିଥିଲା । ଗୁରୁବାର ପାହାଳ ଥାନା ପୋଲିସ ସହାୟତାରେ ସେହି ସାଇବର ଠକେଇ ଗ୍ୟାଙ୍ଗର ୧୬ଜଣଙ୍କୁ ମିଳିତ ଅପରେସନରେ ଗିରଫ କରାଗଲା । ଗିରଫ ୧୬ଜଣ ହେଲେ ଅବଦୁଲ ଇର୍ସାଦ (୩୦), ତନଜୀଲ ଅଲ୍ଲା (୨୬), ଏସ୍‌କେ ନିଆଜ (୨୬), ଇର୍ଫାନ ହୋସେନ (୩୭), ଓକାସଉର୍ ରେହେମାନ (୨୫), ଆଡ୍‌ନନ ଅଲ୍ଲା (୨୬), ବିଜୟକୁମାର ଦାସ (୨୭), ନାସିମ୍ ଆକ୍ରମ ଖାନ୍ (୩୦), ଏମ୍‌ଡି ଅଲ୍ଲା ଅହମ୍ମଦ (୨୫), ସନ୍ଦୀପ ବାରିକ (୨୦), ସୋନୁ ଶାହା (୨୬), କେତନ ରଣା (୨୩), ଆସର ଅଞ୍ଜୁମ୍ ଖାନ୍ (୨୫), ପିନାଲି ଧର୍ (୨୫), ଫଲକ କଇନାଥ (୨୩) ଓ ଆସାରା ଇମାମ୍ (୨୮) । ଏହି ଗିରଫ ଅଭିଯୁକ୍ତମାନଙ୍କ ଘର ପଶ୍ଚିମବଙ୍ଗରେ ହେବା ସହ ମାମଲା ସେଠିକା ଥାନାରେ ହୋଇଥିବାରୁ ସମସ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି ପଶ୍ଚିମବଙ୍ଗ ପୋଲିସ ।

ପ୍ରେମ ପ୍ରତାରଣାରୁ ଆତ୍ମାହୁତି ଉଦ୍ୟମ

ଯୁବତୀଙ୍କ ମୃତ୍ୟୁ, ଜେଲ୍‌ଗଲେ ପ୍ରେମିକ

ଭୁବନେଶ୍ୱର, (ସବୁ୍ୟ) : ପ୍ରେମ ପ୍ରତାରଣାରୁ ଆତ୍ମାହୁତି ଉଦ୍ୟମ କରିଥିବା ଯୁବତୀଙ୍କ ମୃତ୍ୟୁ ଏମ୍ସ ହସ୍ପିଟାଲରେ ହେବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅଭିଯୁକ୍ତ ପୂର୍ବତନ ପ୍ରେମିକ ସୌମ୍ୟରଞ୍ଜନ ପ୍ରଧାନ (୨୫)କୁ ଇଙ୍ଗୋସିଟି ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ମୃତ ଯୁବତୀ ଅନୁଗୁଳରେ କାମ କରିବା ବେଳେ ସୌମ୍ୟଙ୍କ ସହ ସମ୍ପର୍କ ଥିଲା । ପରେ ଯୁବତୀ ଭୁବନେଶ୍ୱର ଆସି ନୟାପଲ୍ଲୀରେ କାମ କରୁଥିଲେ । ପ୍ରେମିକଙ୍କ ଘର ଅନୁଗୁଳ ଜିଲ୍ଲାରେ ହୋଇଥିବା ବେଳେ ଯୁବତୀଙ୍କ ଘର ଏରସମା ଅଞ୍ଚଳରେ । ଭୁବନେଶ୍ୱର ଆସି କାମ କରିବା ପରେ ଉଭୟଙ ମଧ୍ୟରେ ଦୀର୍ଘ ବର୍ଷେ ହେବ ବ୍ରେକ୍‌ଅପ୍ ହୋଇଥିଲା । ଘଟଣା ଦିନ ଇଙ୍ଗୋସିଟି ଥାନା ଅନ୍ତର୍ଗତ ଏକ କାଫେରେ ଉଭୟ ବୁଝାମଣା ପାଇଁ ଏକାଠି



ହୋଇଥିଲେ । ସେମାନଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହେବାରୁ ଯୁବତୀ କାଫେ ପଛପଟକୁ ଯାଇ ସାଙ୍ଗରେ ଆଣିଥିବା ପେଟ୍ରୋଲକୁ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ । ଖବର ପାଇ ଇଙ୍ଗୋସିଟି ଥାନା ପୋଲିସ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ପ୍ରେମିକ ସୌମ୍ୟରଞ୍ଜନଙ୍କୁ ଅଟକ ରଖି ପଚରାଉଚରା କରୁଥିଲା । ଯୁବତୀଙ୍କ ଶରୀର ୯୦ଭାଗ ପୋଡିଯାଇଥିବାରୁ କ୍ୟାପିଟାଲ ହସ୍ପିଟାଲରୁ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହେଲା । ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପ୍ରେମିକ ସୌମ୍ୟରଞ୍ଜନଙ୍କୁ ବିଏନ୍‌ଏସ୍ ୧୦୮ରେ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଗଡ଼ଖାଇରେ ବୁଡ଼ିଯାଉଥିବା କାରରୁ ୩ ଯୁବକ ଓ ୩ ଯୁବତୀ ହେଲେ ଉଦ୍ଧାର

ସାହସିକତା ଓ ମାନବିକତାର ପରିଚୟ ଦେଲେ ଏସଓ ନରେଶ

କଟକ,(ସବୁ୍ୟ): ନିଜ ଜୀବନକୁ ଖାତିର ନକରି ମୃତ୍ୟୁ ସହ ସଂଘର୍ଷ କରୁଥିବା ୬ ଜଣଙ୍କ ଜୀବନ ବଞ୍ଚାଇ ମାନବିକତା ଓ ଅସାଧାରଣ ସାହସିକତାର ପରିଚୟ ଦେଇଛନ୍ତି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଧିକାରୀ ନରେଶ ଚନ୍ଦ୍ର ମହାପାତ୍ର । ଗଡ଼ଖାଇରେ ବୁଡ଼ିଯାଉଥିବା ଏକ କାରରୁ ୩ ଜଣ ଯୁବକ ଓ ୩ ଜଣ ଯୁବତୀଙ୍କୁ ସେ ଉଦ୍ଧାର କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଆଜି ଭୋର ପ୍ରାୟ ୫ଟା ସମୟରେ ୬ ଜଣ ଯୁବକ-ଯୁବତୀ ଏକ କାରରେ ଯାଉଥିବା ବେଳେ କୌଣସି କାରଣବଶତଃ କାର୍‌ଟି ଗଡ଼ଖାଇ ମଧ୍ୟକୁ ଖସିପଡ଼ିଥିଲା । ହଠାତ୍ ଘଟିଥିବା ଏହି ଅଘଟଣରେ କାର୍ ଭିତରେ ଥିବା ୬ ଜଣ ପାଣିରେ ପଡି ଯାଇଥିଲେ । ଭୋର ସମୟରେ ଏଭଳି ଏକ ଦୁର୍ଘଟଣା ଘଟିବା ପରେ ସେମାନଙ୍କ ଜୀବନ ଗଭୀର ସଙ୍କଟରେ ପଡ଼ିଯାଇଥିଲା । ଏହି ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ନରେଶ ମହାପାତ୍ର ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ମୁହୂର୍ତ୍ତକ ପାଇଁ ମଧ୍ୟ ବିଳମ୍ବ ନକରି ଗଡ଼ଖାଇକୁ ଡେଇଁ ପଡ଼ିଥିଲେ । ନିଜ ଜୀବନକୁ ବାଜି ଲଗାଇ ସେ ଜଣକ ପରେ ଜଣଙ୍କୁ ଉଦ୍ଧାର କରିବାରେ ଲାଗିଥିଲେ । ଶେଷରେ କାର୍ ଭିତରେ ଫସିଥିବା ସମସ୍ତ ୬ ଜଣଙ୍କୁ ସେ ସୁରକ୍ଷିତ ଭାବେ ବାହାରକୁ ଆଣିବାରେ ସଫଳ ହୋଇଥିଲେ । ନରେଶ ମହାପାତ୍ରଙ୍କ ଏହି ତତ୍ପରତା ଓ ସାହସିକତା ଯୋଗୁଁ ୬ଟି ଅମୂଲ୍ୟ ଜୀବନ ରକ୍ଷା ପାଇପାରିଛି । ଜଣେ ସରକାରୀ କର୍ମଚାରୀ ଭାବେ ନିଜ କର୍ତ୍ତବ୍ୟ ପାଳନ ସହ ଜଣେ ସଚେତନ ନାଗରିକ ଓ ମାନବିକ ମୂଲ୍ୟବୋଧର ଅଧିକାରୀ ଭାବେ ସେ ଯେଉଁ ଉଦାହରଣ ସୃଷ ି କରିଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ସୂଚନାଯୋଗ୍ୟ ଶ୍ରୀ ମହାପାତ୍ର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟଳୟର ଷ୍ଟାଫ୍ କମିଟି ସଭାପତି ମଧ୍ୟ ଅଛନ୍ତି ।

ମହିଳା ଚାଷୀ ଆତ୍ମନିର୍ଭରଶୀଳ ହେବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,(ସବୁ୍ୟ): ଆୟୋଜିତ କର୍ମଶାଳା ଓ ପ୍ରଦର୍ଶନୀ ମେଳାର ଏକ ପ୍ରମୁଖ ଆକର୍ଷଣ ହେଉଛି ଉନ୍ନତ ଫସଲ କିସମ, ଉଦ୍ୟାନ ପ୍ରଯୁକ୍ତିବିଦ୍ୟା, ପଶୁପାଳନ ଏବଂ କୁକୁଡ଼ା ଉତ୍ପାଦନ ପ୍ରଣାଳୀ, ମତ୍ସ୍ୟପାଳନ, ପ୍ରାକୃତିକ ସମ୍ପଦ ପରିଚାଳନା, ଜଳବାୟୁ-ପ୍ରତିରୋଧୀ କୃଷି, କୃଷି ଯାନ୍ତ୍ରିକୀକରଣ, ଅମଳ ପରବର୍ତ୍ତୀ ପରିଚାଳନା, ମୂଲ୍ୟ ବୃଦ୍ଧି ଏବଂ ଡିଜିଟାଲ କୃଷି ଉଦ୍ଭାବନ ପ୍ରଦର୍ଶିତ ପ୍ରଦର୍ଶନୀ । କର୍ମଶାଳାରେ ବାରାଣାସୀ ଆଇସିଏଆର-ଆଇଆଇଭିଆରର ପ୍ରମୁଖ କୃଷି ବୈଜ୍ଞାନିକ ପ୍ରଫେସର ଡ଼. ଏ.ଏନ. ତ୍ରିପାଠୀ ଓ ବିରିଷ୍ଠ କୃଷି ବୈଜ୍ଞାନିକ ଡ଼. ସ୍ୱାତୀ ଶର୍ମା ବିଭିନ୍ନ ପନିପରିବା ଚାଷ କରାଯାଇ ଗ୍ରାମାଞ୍ଚଳର ଚାଷୀ ବିଶେଷକରି ମହିଳା ଚାଷୀ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ବୁଝାଇ ଥିଲେ । ପ୍ରଦର୍ଶନୀରେ ବାରାଣାସୀ ଆଇଆଇସିଆର-ଆଇଆଇଭିଆର ପକ୍ଷରୁ ଉଦ୍ଭାବନ କରାଯାଇଥିବା ବିଭିନ୍ନ ମଞ୍ଜି, କୀଟନାଶକ, ଜୈବିକ ସାର ଆଦି କୃଷକ ମାନଙ୍କ ଉପରେ ବେଶ ଆଦୃତ ହୋଇଥିଲା । ମହିଳା-ଅନୁକୂଳ ଏବଂ କଠିନ ପରିଶ୍ରମ ହ୍ରାସକାରୀ ପ୍ରଯୁକ୍ତିବିଦ୍ୟା, ସମନ୍ୱିତ କୃଷି ପ୍ରଣାଳୀ, ପୁଷ୍ଟିକର ସମ୍ବେଦନଶୀଳ କୃଷି ଏବଂ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ସୁଯୋଗ ଉପରେ ବିଶେଷ ଭାବେ ବୁଝାଇଥିଲେ । ଏହି ମେଳାରେ ମହିଳା ଉଦ୍ୟୋଗୀ, ଏସଏଚଜି ଏବଂ ଏଫପିଓମାନଙ୍କୁ ସେମାନଙ୍କର କୃଷି



ଉତ୍ପାଦ, ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ଏବଂ ସ୍ୱଦେଶୀ ଉଦ୍ଭାବନ ପ୍ରଦର୍ଶନ ଏବଂ ବିପଣନ କରିବାର ସୁଯୋଗ ପ୍ରଦାନ କରି ପ୍ରୋତ୍ସାହିତ କରାଯାଇପାରିବ । ଜ୍ଞାନ ବଣ୍ଟନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରସାରକୁ ସହଜ କରିବା ପାଇଁ କୃଷକ-ବୈଜ୍ଞାନିକ ପାରସ୍ପରିକ କ୍ରିୟା, ବୈଷୟିକ ଅଧିବେଶନ, ପ୍ରଦର୍ଶନ, ଏକ୍ସପୋଜର ପରିଦର୍ଶନ ଏବଂ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି । ଏହା ଅଂଶୀଦାରମାନଙ୍କୁ ଅଭିଜ୍ଞତା ଆଦାନପ୍ରଦାନ, ବ୍ୟବସାୟିକ ସୁଯୋଗ ଅନୁସନ୍ଧାନ, ସଂସ୍ଥାଗତ ସଂଯୋଗ ସ୍ଥାପନ ଏବଂ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ କୃଷି ଖାଦ୍ୟ ବ୍ୟବସ୍ଥା ପ୍ରତି ସହଯୋଗୀ ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିବ । ଏହି ତିନି ଦିନିଆ କାର୍ଯ୍ୟକ୍ରମ ମହିଳା ନେତୃତ୍ୱାଧୀନ କୃଷି ବିକାଶକୁ ଆଗକୁ ବଢାଇବା ଏବଂ ଦେଶରେ ଏକ ଅନ୍ତର୍ଭୁକ୍ତ, ସ୍ଥିର ଏବଂ ଆର୍ଥିକ ଦୃଷ୍ଟିରୁ ସକ୍ରିୟ କୃଷି ଖାଦ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଆଇସିଏଆର-ସିୱାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରେ ।

ନଦୀବନ୍ଧରୁ ଜଳଭଣ୍ଡାର ଯାଏଁ କଡ଼ା ନଜର: ବାତ୍ୟା ମୁକାବିଲା ପାଇଁ ରାଜ୍ୟରେ ପ୍ରସ୍ତୁତି ଜୋରଦାର

ଭୁବନେଶ୍ୱର, (ସବୁ୍ୟ): ସମ୍ଭାବ୍ୟ ବାତ୍ୟା 'ଅକଭାନ୍' ପରିପ୍ରେକ୍ଷୀରେ ରାଜ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପର ସମୀକ୍ଷା ନିମନ୍ତେ ସେଚ ସଦନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ୨୪ ଘଣ୍ଟିଆ ସତର୍କତା, ରାତ୍ରିକାଳୀନ ପାଟ୍ରୋଲିଂ ଏବଂ ବିପଦସଂକୁଳ



ଅଞ୍ଚଳରେ କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଗାମୀ ଦୁଇ ଦିନ ଓ ରାତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସମସ୍ତ କ୍ଷେତ୍ରୀୟ ଅଧିକାରୀଙ୍କୁ ସର୍ବାଧିକ ସତର୍କ ରହିବା, ନିୟମିତ ତଦାରଖ ବୃଦ୍ଧି କରିବା ଏବଂ ଯେକୌଣସି ପରିସ୍ଥିତିର ଦ୍ରୁତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କ୍ଷେତ୍ରସ୍ତରରେ ନିୟୋଜିତ ବରିଷ୍ଠ ଯନ୍ତ୍ରୀ ବିଭିନ୍ନ ଅଞ୍ଚଳର ସ୍ଥିତି, ଚାଲୁ ରହିଥିବା ପ୍ରସ୍ତୁତିମୂଳକ କାର୍ଯ୍ୟ ଏବଂ ବିପଦସଂକୁଳ ସ୍ଥାନଗୁଡ଼ିକର ସ୍ଥିତି ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ । ମୁଖ୍ୟାଳୟ ଓ କ୍ଷେତ୍ରୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରବଳ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ଏଡ଼ାଇବା ପାଇଁ ଜଳ ନିଷ୍କାସନ ପଥରେ ଥିବା ବାଧା ଦୂର କରି ଜଳର ସ୍ୱାଭାବିକ ପ୍ରବାହ ସୁନିଶ୍ଚିତ କରିବାକୁ କ୍ଷେତ୍ରୀୟ ଡିଭିଜନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା । ସାଳନ୍ଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ରଷିକୁଲ୍ୟା ଓ ବୈତରଣୀ ନଦୀ ଅବବାହିକାର ସ୍ଥିତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବୈଠକର ଶେଷରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁ

ବାତ୍ୟା ଅକୱାନ ର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ

ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ପ୍ରଶାସନକୁ ପରାମର୍ଶ

ପୁରୀ, (ସବ୍ୟୁ): ବାତ୍ୟା ଆକୱାନ ପରିପ୍ରେକ୍ଷୀରେ ଆଜି ପୁରୀ ଜିଲ୍ଲା ଗସ୍ତରେ ଆସି ଉଦ୍ଧାର,ଥଇଥାନ ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା। ଆଭାସୀ ମାଧ୍ୟମରେ ସମସ୍ତ ବ୍ଲକ ସହ ଯୋଡ଼ି ହୋଇ ବାତ୍ୟା ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ କରି ସରକାର ଙ୍କ ର ଯେଉଁ ଲକ୍ଷ୍ୟ ରହିଛି ଜିରୋ କାଜୁଆଲିଟି ବା ଶୂନ୍ୟ ମୃତ୍ୟୁ ତାହାକୁ କଡାକଡି ଭାବେ ଅନୁପାଳନ କରିବାକୁ ଉପ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିପଦ ପୂର୍ଣ୍ଣ ଅଞ୍ଚଳ ଓ ଖାଲୁଆ ଅଞ୍ଚଳ ରେ ରହୁଥିବା ଲୋକ ମାନଙ୍କୁ, କଚ୍ଚା ଓ ବିପଦଜନକ ଗୃହ ରେ ରହୁଥିବା ଲୋକ ମାନଙ୍କୁ ନିରାପଦ ଆଶ୍ରୟସ୍ଥଳ ମାନଙ୍କୁ ଯଥାଶୀଘ୍ର ସ୍ଥାନାନ୍ତର, ସେମାନଙ୍କ ପାଇଁ ଯଥାସମ୍ଭବ ସୁବିଧା ଯେପରି



ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ, ଆଲୋକ, ପାଣି, ଶୌଚାଳୟ ବ୍ୟବସ୍ଥା,ରନ୍ଧା ଖାଦ୍ୟ ବ୍ୟବସ୍ଥା, ଚିକିତ୍ସା ସୁବିଧା ଇତ୍ୟାଦି କୁ ସୁନିଶ୍ଚିତ କରିବାକୁ ଉପ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ଉପସ୍ଥିତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଲୋକ ମାନଙ୍କ ସୁବିଧା ପାଇଁ ସଂପୃକ୍ତ ଆଶ୍ରୟସ୍ଥଳ ମାନଙ୍କ ରେ ରହୁଥିବା ଲୋକ ମାନଙ୍କ ପାଇଁ ସେହିଠାରେ ରନ୍ଧା ବ୍ୟବସ୍ଥା କରିବା କିମ୍ବା ପାଖାପାଖି ସ୍ଥାନରେ ରୋଷେଇ କରି ନିର୍ଦିଷ୍ଟ ସମୟ ମଧ୍ୟରେ ଖାଦ୍ୟ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପାଇଁ ନିଯୁକ୍ତ ବରିଷ୍ଠ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ ଗୋପ ବ୍ଲକ୍ ଆଭାସୀ ମାଧ୍ୟମରେ ଯୋଗ ଦେଇ ସ୍ଥିତି ସମୀକ୍ଷା ବିବରଣୀ ଦେଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ବ୍ରହ୍ମଗିରି ବ୍ଲକରୁ ଆଭାସୀ ମାଧ୍ୟମରେ ଯୋଗଦେଇ ବାତ୍ୟା ପରିପ୍ରେକ୍ଷୀରେ ଜିଲ୍ଲାର ବିସ୍ତୃତ ତଥ୍ୟ ପ୍ରଦାନ କରି ସମସ୍ତ ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳ ର ଦାୟିତ୍ୱ ଦେବା ସହ କୌଣସି ଅଧିକାରୀ ଓ କର୍ମଚାରୀଗଣ ନିଜ ନିଜ ଅଞ୍ଚଳ ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କଳାବଜାରୀ ରୋକିବାକୁ ଯୋଗାଣ ବିଭାଗ କୁ କଡ଼ା ନିର୍ଦ୍ଦେଶ ଦିଆଯିବା ସହ ଧରପଗଡ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବେଳାଭୂମି ରେ କେହି ପର୍ଯ୍ୟଟକ ନ ଆସିବାକୁ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା, ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ,ପିକେଡିଏ ସେକ୍ରେଟାରୀ, ଉପ ଜିଲ୍ଲାପାଳ ପ୍ରମୁଖ ବିଭିନ୍ନ ବ୍ଲକ୍ ଆଭାସୀ ମାଧ୍ୟମରେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀଙ୍କ ବୈଠକ ରେ ଯୋଗ ଦେଇଥିଲେ।



ନୃତ୍ୟଧାରା ଅନୁଷ୍ଠାନ ପକ୍ଷରୁ ଦିଲ୍ଲୀରେ ଅନୁଷ୍ଠିତ ୬ତମ ନୃତ୍ୟ ମହାକୁମ୍ଭ 'ଅଭିନନ୍ଦନ ସମାରୋହ'

ଜାତୀୟ ସଂହତି ଦିବସ ତଥା ରାଜ୍ୟସ୍ତରୀୟ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ସଂହତିର ପ୍ରତିଷ୍ଠାତା ଓ ଦୃଢ଼ ନେତୃତ୍ୱର କଥା ଯେତେବେଳେ ମନେପଡ଼େ ସେତେବେଳେ ଇନ୍ଦିରା ଗାନ୍ଧୀ ଆମ ମାନସପଟରେ ଉଦ୍‌ଭାସିତ ହୁଅନ୍ତି । ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ କରିଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ତଥା ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଇନ୍ଦିରା ଗାନ୍ଧୀଙ୍କ ରାଜନୈତିକ ଜୀବନ, ଅଦମ୍ୟ ସାହସ, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ଭାରତ-ପାକିସ୍ତାନ ଯୁଦ୍ଧ ହେଉ ଅବା ରାଜା-ମହାରାଜାଙ୍କ ହାତପାଣ୍ଠି ଉଚ୍ଛେଦ ହେଉ ଅବା ବ୍ୟାଙ୍କ ଜାତୀୟକରଣ, ଏସବୁ ଥିଲା ତାଙ୍କର ଦୃଢ଼ମନା ଓ ଦୂରଦର୍ଶୀ ନେତୃତ୍ୱର ପରିଭାଷା । ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ । ଲେଖକ ସମବାୟ ସମିତିର ସଭାପତି ପୀତବାସ ରାଉତରାୟ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ତାଙ୍କ ଶାସନକାଳରେ ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହୋଇଥିଲା ବୋଲି



ଉଲ୍ଲେଖ କରିଥିଲେ । ଦେଶର ସୁରକ୍ଷା ଓ ଅଖଣ୍ଡତା ରକ୍ଷା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର କହିଲେ ଯେ ଆଧୁନିକ ଭାରତର ଇତିହାସ ପୃଷ୍ଠା ଯେଉଁ କେତେଜଣ ମହିୟସୀ ନାରୀଙ୍କ ଅବଦାନରେ ଗୌରବାନ୍ୱିତ ହୋଇଛି ସେମାନଙ୍କ ମଧ୍ୟରେ ଇନ୍ଦିରା ଗାନ୍ଧୀ ଅନ୍ୟତମ । ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ଶାସନକାଳ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ସେ କହିଥିଲେ । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପୂର୍ବରୁ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଆୟୋଜିତ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହେଉଛି ଆଜି ଭୁବନେଶ୍ୱର, (ସବ୍ୟୁ): ଜାତୀୟ ସଂହତିର ପ୍ରତିଷ୍ଠାତା ଓ ଦୃଢ଼ ନେତୃତ୍ୱର କଥା ଯେତେବେଳେ ମନେପଡ଼େ ସେତେବେଳେ ଇନ୍ଦିରା ଗାନ୍ଧୀ ଆମ ମାନସପଟରେ ଉଦ୍‌ଭାସିତ ହୁଅନ୍ତି । ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ କରିଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ତଥା ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଇନ୍ଦିରା ଗାନ୍ଧୀଙ୍କ ରାଜନୈତିକ ଜୀବନ, ଅଦମ୍ୟ ସାହସ, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ଭାରତ-ପାକିସ୍ତାନ ଯୁଦ୍ଧ ହେଉ ଅବା ରାଜା-ମହାରାଜାଙ୍କ ହାତପାଣ୍ଠି ଉଚ୍ଛେଦ ହେଉ ଅବା ବ୍ୟାଙ୍କ ଜାତୀୟକରଣ, ଏସବୁ ଥିଲା ତାଙ୍କର ଦୃଢ଼ମନା ଓ ଦୂରଦର୍ଶୀ ନେତୃତ୍ୱର ପରିଭାଷା । ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ । ଲେଖକ ସମବାୟ ସମିତିର ସଭାପତି ପୀତବାସ ରାଉତରାୟ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ତାଙ୍କ ଶାସନକାଳରେ ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହୋଇଥିଲା ବୋଲି ଉଲ୍ଲେଖ କରିଥିଲେ । ଦେଶର ସୁରକ୍ଷା ଓ ଅଖଣ୍ଡତା ରକ୍ଷା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର କହିଲେ ଯେ ଆଧୁନିକ ଭାରତର ଇତିହାସ ପୃଷ୍ଠା ଯେଉଁ କେତେଜଣ ମହିୟସୀ ନାରୀଙ୍କ ଅବଦାନରେ ଗୌରବାନ୍ୱିତ ହୋଇଛି ସେମାନଙ୍କ ମଧ୍ୟରେ ଇନ୍ଦିରା ଗାନ୍ଧୀ ଅନ୍ୟତମ । ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ଶାସନକାଳ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ସେ କହିଥିଲେ । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପୂର୍ବରୁ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଆୟୋଜିତ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହେଉଛି ଆଜି

ବାତ୍ୟା ପ୍ରସ୍ତୁତିର ସମୀକ୍ଷା କଲେ ଏସିଏସ୍ ଶ୍ରୀମତୀ ପାଢୀ

ଘନିଷ୍ଠ ସମନ୍ୱୟ ଓ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ସମ୍ଭାବ୍ୟ ଭୀଷଣ ବାତ୍ୟା 'ଅକଭାନ୍'ର ମୁକାବିଲା ପାଇଁ ପ୍ରସ୍ତୁତି ଓ ସମନ୍ୱୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଆଜି ବିପଦସଂକୁଳ ଜିଲ୍ଲାଗୁଡ଼ିକ ପାଇଁ ନିଯୁକ୍ତ ବିଭାଗୀୟ ନୋଡାଲ୍ ଅଧିକାରୀମାନଙ୍କ ସହ ଏକ ବ୍ୟାପକ ସମୀକ୍ଷା ବୈଠକ କରିଛନ୍ତି। ଏହି ନୋଡାଲ୍ ଅଧିକାରୀମାନଙ୍କ ମଧ୍ୟରେ ବିଭାଗର ବରିଷ୍ଠ ଅଧିକାରୀ, ନଗର ଉନ୍ନୟନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବମାନେ ସାମିଲ ଅଛନ୍ତି। ସେମାନଙ୍କୁ ନିର୍ଦ୍ଦିଷ୍ଟ ଜିଲ୍ଲାର ଦାୟିତ୍ୱ ଦିଆଯାଇଛି। ଜିଲ୍ଲାରେ ବାତ୍ୟା ମୁକାବିଲା ପ୍ରସ୍ତୁତିର ତଦାରଖ, ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା ଏବଂ ଆବଶ୍ୟକ ପଦକ୍ଷେପର ତ୍ୱରିତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ସେମାନଙ୍କର ଦାୟିତ୍ୱ। ବୈଠକରେ ଶ୍ରୀମତୀ ପାଢ଼ୀ ଜିଲ୍ଲାୱାରୀ ପ୍ରସ୍ତୁତିର ସମୀକ୍ଷା କରିବା ସହ ବାତ୍ୟାର ସମ୍ଭାବ୍ୟ ପ୍ରଭାବ ମୁକାବିଲା ପାଇଁ ପୌରସଂସ୍ଥାଗୁଡ଼ିକ ନେଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ।

ସକ୍ରିୟ ଓ ସମୟୋଚିତ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି ଶ୍ରୀମତୀ ପାଢ଼ୀ ସମସ୍ତ ନୋଡାଲ୍ ଅଧିକାରୀଙ୍କୁ ନିଜ ନିଜ ଦାୟିତ୍ୱପ୍ରାପ୍ତ ଜିଲ୍ଲା ସହ ନିରନ୍ତର ଯୋଗାଯୋଗରେ ରହିବାକୁ ଏବଂ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା ନକରି ଆବଶ୍ୟକ ସମସ୍ତ ଆଗୁଆ ସତର୍କତାମୂଳକ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ କହିଥିଲେ। ଜିଲ୍ଲାପାଳ, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଅନ୍ୟ ସମ୍ପୃକ୍ତ ବିଭାଗ ସହ ନିରନ୍ତର ସମନ୍ୱୟ ରଖିବା, ସୂଚନା ଆଦାନପ୍ରଦାନକୁ ସୁଗମ କରିବା, ତ୍ୱରିତ ନିଷ୍ପତ୍ତି ନେବା ଓ ଆବଶ୍ୟକ ସମ୍ବଳ ମୁତୟନ ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ପ୍ରସ୍ତୁତିକୁ ଅଧିକ ଜୋରଦାର କରିବା ପାଇଁ ନଭେମ୍ବର ୧୯ ତାରିଖରେ ୧୪ ଜଣ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାକୁ ପଠାଯାଇଛି। ଏହା ସହିତ ବିଭିନ୍ନ ପୌରସଂସ୍ଥାର ୪୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଆଜି ଅପରାହ୍ନ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ କରିବାକୁ କୁହାଯାଇଛି। ପାନୀୟ ଜଳ ଯୋଗାଣ ଅବ୍ୟାହତ ରଖିବା, ବିପଦସଂକୁଳ ନାଗରିକ ଭିତ୍ତିଭୂମି ଓ ହୋର୍ଡିଂଗୁଡ଼ିକୁ ସୁରକ୍ଷିତ କରିବା ଏବଂ ବାତ୍ୟା ଆଶ୍ରୟସ୍ଥଳୀ ସମେତ ଅନ୍ୟ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀଗୁଡ଼ିକୁ ଆବଶ୍ୟକ ସାମଗ୍ରୀ ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବାକୁ ସେ କହିଥିଲେ। ସମସ୍ତ ପୌରସଂସ୍ଥାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ବାତ୍ୟା ସମୟରେ ନିରନ୍ତର ସତର୍କ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।

ବାତ୍ୟା ଅକୱାନ ର ମୁକାବିଲା ଏବଂ ରିଲିଫ୍ ଓ ସହାୟତା କାର୍ଯ୍ୟରେ ସହଯୋଗ ସମ୍ବନ୍ଧରେ

ସତର୍କତା, ସଚେତନତା, ସାମୂହିକ ସହଯୋଗ ଓ ପ୍ରଚେଷ୍ଟା ବଳରେ ମୁକାବିଲା କରିବା: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ କିଛି ଘଣ୍ଟା ମଧ୍ୟରେ "ଅକ୍ୱାନ୍' ବାତ୍ୟା ଓଡ଼ିଶା ଉପକୂଳକୁ ଛୁଇଁବାର ସମ୍ଭାବନା ରହିଛି ଏବଂ ଏହାର ପ୍ରଭାବ ଆମ ରାଜ୍ୟରେ ଅଧିକ ଅନୁଭୂତ ହେବାର ସୂଚନା ମିଳୁଛି। ଏହି ସମୟରେ ସମସ୍ତେ ସୁରକ୍ଷିତ ଓ ନିରାପଦ ସ୍ଥାନରେ ରୁହନ୍ତୁ। ବିପଦଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆଗେଇ ଆସନ୍ତୁ। ସରକାର ଓ ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବା ସହ ପ୍ରଶାସନିକ କଳକୁ ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟରେ ସମ୍ଭାବ୍ୟ ବାତ୍ୟା "ଅକ୍ୱାନ୍' ର ମୁକାବିଲା ପାଇଁ ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ବାତ୍ୟାକୁ ନେଇ କେହି ମଧ୍ୟ ଭୟଭୀତ କିମ୍ବା ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରଶାସନ ଦ୍ୱାରା



ଜାରି କରାଯାଇଥିବା ସମସ୍ତ ସତର୍କତା ସୂଚନା ଏବଂ ପରାମର୍ଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ବିଜେପିର ସମସ୍ତ କର୍ମୀ ଓ ପଦାଧିକାରୀମାନେ ନିଜ ନିଜ ଅଂଚଳରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇଦେବାରେ ପ୍ରଶାସନକୁ ସହଯୋଗ କରନ୍ତୁ। ଉଦ୍ଧାର କାର୍ଯ୍ୟ, ରିଲିଫ ବଂଟନ ଏବଂ ପ୍ରଭାବିତ ଲୋକଙ୍କୁ ସବୁପ୍ରକାରର ଜରୁରୀ ସହାୟତା ପହଂଚାଇବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଦଳୀୟ କାର୍ଯ୍ୟକର୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସତର୍କତା, ସଚେତନତା, ସାମୂହିକ ସହଯୋଗ ଓ ପ୍ରଚେଷ୍ଟା ବଳରେ ଆମେ ଏହି ପରିସ୍ଥିତିର ସଫଳ ମୁକାବିଲା କରିପାରିବା ବୋଲି ଶ୍ରୀ ସାମଲ ଦୃଢ ଆଶା ବ୍ୟକ୍ତ କରିଛନ୍ତି।

ବାତ୍ୟା ଅକୱାନ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

୩୮୭ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ; ୩୧୧ଟି ସ୍ଥାନରେ ରନ୍ଧା ଖାଦ୍ୟ ବଣ୍ଟନ

ଖୋର୍ଦ୍ଧା, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ଅକୱାନ କୁ ମୁକାବିଲା କରିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ (ଡିଇଓସି)ର ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ମୋଟ ୧୪ ହଜାର ୪୧୧ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ମୋଟ ୩୮୭ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ହୋଇଥିବା ବେଳେ ସମସ୍ତ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ରହିଛି। ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ୩୧୧ଟି ସ୍ଥାନରେ ମାଗଣା ରନ୍ଧନ ଖାଦ୍ୟ ଚାଲୁ ରହିଛି।

ଉଦ୍ଧାର ଓ ଜରୁରୀକାଳୀନ ସେବା ପାଇଁ ଖୋର୍ଦ୍ଧା ଉପଖଣ୍ଡରେ ୩ଟି ଏବଂ ଭୁବନେଶ୍ୱର ଉପଖଣ୍ଡରେ ୭ଟି ଓଏଫ୍‌ଡିସି ଟିମ୍ ନିୟୋଜିତ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଉପଖଣ୍ଡରେ ୮ଟି ଓ

ଗଞ୍ଜାମ ଜିଲ୍ଲାର ତଳିଆ ଅଞ୍ଚଳର ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତରଣ

ବ୍ରହ୍ମପୁର (ସବ୍ୟୁ): ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବ୍ୟ ବାତ୍ୟା "ଅକଭାନ' ଗୋପାଳପୁର ଠାରୁ ଖଲ୍ଲିକୋଟ ଅଞ୍ଚଳରେ ସ୍ଥଳ ଭାଗ ଛୁଇଁବ ବୋଲି ସତର୍କ ସୂଚନା ପ୍ରଦାନ କରାଯାଉ ଥିବା ବେଳେ ଏହି ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକର ଜନ ସାଧାରଣଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାରେ ଚାଲିଥିବା ପ୍ରସ୍ତୁତି ଓ ମୁକାବିଲା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟ ପରିଚାଳନା କେନ୍ଦ୍ରରେ ବୈଠକରେ ରହି ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ଜୀବନହାନି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ଅଞ୍ଚଳରେ ସତର୍କତା, ସମନ୍ୱୟ ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଏହି ବୈଠକରେ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଉପସ୍ଥିତ ଥିବା ବେଳେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ଥିତି ଓ ପ୍ରସ୍ତୁତି ସମ୍ପର୍କରେ



ବୈଠକରେ ଅବଗତ କରାଇଥିଲେ । ସମସ୍ତ ଅଧିକାରୀ ନିଜ ନିଜ ଅଞ୍ଚଳର ଲୋକଙ୍କ ସହ ରହି ପ୍ରସ୍ତୁତି ଓ ସ୍ଥାନାନ୍ତରଣ କାର୍ଯ୍ୟର ତଦାରଖ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଗୋପାଳପୁର, ଛତ୍ରପୁର,ଚିକିଟି, ବ୍ରହ୍ମପୁର ମହାନଗର ନିଗମ,ରଙ୍ଗେଇଲୁଣ୍ଡା ବ୍ଲକ୍ର ନୂଆ। ଗୋଳାବନ୍ଧ,ଛତ୍ରପୁର ବ୍ଲକର କାଳିପଲ୍ଲୀ, ବରଙ୍ଗ, ବଡ଼ମାଧପୁର ଓ ପୋଟଲାମପୁର, ଗଞ୍ଜାମ ବ୍ଲକ୍ର ସମୁଦ୍ର ତଟବର୍ତ୍ତୀ ଖଲ୍ଲିକୋଟ ବ୍ଲକ, ପାତ୍ରପୁର ବ୍ଲକ,ଦିଗପହଣ୍ଡି ବ୍ଲକ, ସାନଖେମୁଣ୍ଡି ଓ ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳ ବାସୀଙ୍କ ନିମନ୍ତେ ସମସ୍ତ ଆଶ୍ରୟସ୍ଥଳୀରେ ପ୍ରସ୍ତୁତି ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ । ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ସ୍ଥାନାନ୍ତରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆଶ୍ରୟ ସ୍ଥଳୀ ଗୁଡ଼ିକରେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟ ଆବଶ୍ୟକ ସାମଗ୍ରୀର ପର୍ଯ୍ୟାପ୍ତ ମହଜୁଦ ରଖିବା ସହ ସ୍ଥାନାନ୍ତରିତ ଲୋକଙ୍କୁ ସମ୍ମାନର ସହ ରଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଚିକିଟି ବ୍ଲକ୍ର ସମସ୍ତ ଆଶ୍ରୟ ସ୍ଥଳୀରେ ଲୋକଙ୍କୁ ରଖିବା ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ତଥ୍ୟ ନେଇଥିଲେ । ରାମୟାପାଟଣା ସମେତ ଅନ୍ୟ ସମୁଦ୍ରତଟବର୍ତ୍ତୀ ଓ ବିପଦପ୍ରବଣ ଅଞ୍ଚଳର ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଛତ୍ରପୁର ବ୍ଲକର ୮ ହଜାରରୁ ଉର୍ଦ୍ଧ୍ୱର୍ ଲୋକଙ୍କ ସ୍ଥାନାନ୍ତରଣ, କାଳିପଲ୍ଲୀ ପଞ୍ଚାୟତର ସ୍ଥିତି ଏବଂ ବରଙ୍ଗ, ବଡ଼ମାଧପୁର ଓ ପୋଟଲାମପୁର ଅଞ୍ଚଳର ପ୍ରସ୍ତୁତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ଖଲ୍ଲିକୋଟ ବ୍ଲକ୍ର ସମସ୍ତ ଆଶ୍ରୟସ୍ଥଳୀରେ ପ୍ରସ୍ତୁତି ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ । ସମଲ ଓ ବଳରାମପୁର ଅଞ୍ଚଳର ସ୍ଥିତି ସମୀକ୍ଷା କରିବା ସହ ବଳରାମପୁର ଅଞ୍ଚଳର ଖରଖରି ନାଳ ମରାମତି ଏବଂ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କହିଥିଲେ । ରାସ୍ତାର ବିପଦପ୍ରବଣ ସ୍ଥାନଗୁଡ଼ିକରେ ବ୍ୟାରିକେଡ ଲଗାଇବା, ନାଳ ଓ ଜଳ ନିଷ୍କାସନ ପଥ ସଫା ରଖିବା ଏବଂ ଆବଶ୍ୟକ ଉଦ୍ଧାର ସମ୍ବଳ ପ୍ରସ୍ତୁତ ରଖିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୮୪ ହଜାରରୁ ଉର୍ଦ୍ଧ୍ୱର୍ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।

ସମ୍ଭାବ୍ୟ ବାତ୍ୟାକୁ ନେଇ ୨୦ , ୨୧ ତାରିଖରେ ରେଡ୍ ୱାର୍ଣ୍ଣିଂ

ଆଜି ସମସ୍ତ ସ୍କୁଲ, ଅଙ୍ଗନୱାଡି ବନ୍ଦ : ୨ଦିନ ଶିମିଳିପାଳ ପ୍ରବେଶ ନିଷେଧ

ବାରିପଦା,(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବଯ ବାତଯା "ଅକଓ୍ୱାନ'କୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଆଶଙ୍କା ବଢ଼ିଥିବାବେଳେ ଏହାର ମୁକାବିଲା ପାଇଁ ଜିଲ୍ଲାପ୍ରଶାସନ ଓ ବନବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ସତର୍କ ସୂଚନା ଅନୁଯାୟୀ, ନଭେମ୍ବର ୧୯ତାରିଖ ପର୍ଯ୍ୟନ୍ତ ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଏବଂ ୨୦ରୁ ୨୧ ତାରିଖ ପର୍ଯ୍ୟନ୍ତ ରେଡ୍ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ସମ୍ଭାବ୍ୟ ପ୍ରବଳ ବର୍ଷା ଓ ପ୍ରାକୃତିକ ବିପର୍ଯଯୟର ଆଶଙ୍କାକୁ ଦୃଷ୍ଟିରେ ରଖି ଶୁକ୍ରବାର ଜିଲ୍ଲାର ସମସ୍ତ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ସମେତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯଯନ୍ତ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି । ଜିଲ୍ଲାରେ ଥିବା ୧୦ଟି ବହୁମୁଖୀ ବନଯା ଆଶ୍ରୟସ୍ଥଳୀ ସମେତ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡ଼ି କେନ୍ଦ୍ରକୁ ମିଶାଇ ମୋଟ ୭୮୨ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି । ଏଠାରେ ପଯ୍ୟାପ୍ତ ଆଲୋକ, ପାନୀୟ ଜଳ, ରନ୍ଧା ଖାଦ୍ୟ ଓ ଶୌଚାଳୟ ଆଦି ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି । ସେହିପରି ଜିଲ୍ଲାରେ ଚିହ୍ନଟ ହୋଇଥିବା ୧,୧୧୭ ଜଣ ଆସନ୍ନ ପ୍ରସବା ମହିଳାଙ୍କ ତାଲିକା ସମ୍ପୃକ୍ତ ବ୍ଲକଗୁଡ଼ିକୁ ହସ୍ତାନ୍ତର କରାଯାଇଛି । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ସମ୍ଭାବ୍ୟ ବିପଦରୁ ସୁରକ୍ଷା ଦେବା ଏବଂ ଆବଶ୍ୟକ ସମୟରେ ଚିକିତ୍ସା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବାତ୍ୟା ପରିଚାଳନାର ପ୍ରତ୍ୟକ୍ଷ ତଦାରଖ ପାଇଁ ରାଜଯସରକାର ବରିଷ୍ଠ ଆଇଏଏସ୍ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ମୟୂରଭଞ୍ଜର ପୂର୍ବତନ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରିଛନ୍ତି । ଜରୁରୀକାଳୀନ ପରିସ୍ଥିତିର ତ୍ୱରିତ ମୁକାବିଲା ପାଇଁ ଜିଲ୍ଲା, ଉପଖଣ୍ଡ, ବ୍ଲକ ଓ ତହସିଲସ୍ତରରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମହାନ୍ତଙ୍କ ସୂଚନା ଅନୁଯାୟୀ, ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ସହ ଆବଶ୍ୟକ ସମସ୍ତ ପ୍ରସ୍ତୁତି ଉପରେ ନଜର ରଖାଯାଇଛି । ଅନଯପକ୍ଷରେ, ବାତଯାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ମଧ୍ୟ ଦୁଇଦିନ ପାଇଁ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି । ନଭେମ୍ବର ୨୦ ଓ ୨୧ ତାରିଖ ଶୁକ୍ରବାର ଓ ଶନିବାର ଅଭୟାରଣଯ ମଧକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି ।

ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ "ଟେକ୍ନୋମେଲିସ୍କା-୨୦୨୬'

ବାରିପଦା, (ସବ୍ୟୁ) : ଲକ୍ଷ୍ମୀପୋଷିସ୍ଥିତ ଉତ୍ତର ଓଡ଼ିଶାର ଅଗ୍ରଣୀ ଡିପ୍ଲୋମା ଇଞ୍ଜିନିୟରିଂ ଅନୁଷ୍ଠାନ ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂର ବାର୍ଷିକ ଉତ୍ସବ "ଟେକ୍ନୋମେଲିସ୍କା-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରୋହିତ୍ୟ ଏବଂ ଅଧକ୍ଷ ଇଂ. ଧରମବୀର ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଚାନ୍ଦିପୁରସ୍ଥିତ ଡିଆରଡିଓର ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜର ଗ୍ରୁପ୍ ଡାଇରେକ୍ଟର ଡ. ମିଶାଳ ଗୋସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ପରିଚାଳନା ସମିତିର ସଭାପତି କାହ୍ନୁ ସୋରେନ ଓ ସଦସ୍ୟ ଇଂ. ବିପ୍ଲବ ଭଞ୍ଜନ ବୁଗୁଡେଇ ଏକ ସୁସ୍ଥ, ସୁସଂସ୍କୃତ ଓ ଆଦର୍ଶ ସମାଜ ଗଠନ ସହ ଦେଶର ଉନ୍ନତିରେ ଯୋଗଦାନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ମୁଖପତ୍ର "ଦି ରେଭିଲେସନ' ଉନ୍ମୋଚିତ ହୋଇଥିଲା । ଉତ୍ସବରେ ଶିକ୍ଷା ଓ ଅନଯାନଯ



କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡିପ୍ଲୋମା ମେକାନିକାଲ ବିଭାଗର ଛାତ୍ର ସୁଶାନ୍ତ ପାଲ ଏବଂ ଏମ୍ଏସ୍ଇ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ର ଶକ୍ତି ଗୋଛାୟତଙ୍କୁ ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ କରାଯାଇଥିଲା । ସେହିପରି ଡିପ୍ଲୋମା ବିଭାଗରେ ମିସ୍ ଏମ୍ଏସ୍ଇ ଭାବେ ଜିଜ୍ଞାସା ମହାନ୍ତି ଓ ମିଷ୍ଟର ଏମ୍ଏସ୍ଇ ଭାବେ ଆୟୁଷ୍ମାନ ସେଠୀ, ହାୟର ସେକେଣ୍ଡାରୀ ବିଭାଗରେ ମିସ୍ ଏମ୍ଏସ୍ଇ ଏର୍ଏସ୍ଏସ୍ ଭାବେ ଶୁଭସ୍ମିତା ଦେ ଓ ମିଷ୍ଟର ଏର୍ଏସ୍ଏସ୍ ଭାବେ ଶକ୍ତି ଗୋଛାୟତ ଏବଂ ବି.ଟେକ୍ ବିଭାଗରେ ମିସ୍ ଏମ୍ଏସ୍ଇ ଭାବେ ସମୀକ୍ଷା ଜେନା ଓ ମିଷ୍ଟର ବି.ଟେକ୍ ଭାବେ ଲିଜେସ କରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ସଙ୍ଗୀତ ଓ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ରାମ୍ପ ଶୋ ଓ ମନୋରମ ନୃତ୍ୟ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା । ଏଥିସହ ଓଲିଉଡ୍ ଜଗତର ଅଭିନେତା ଶୈଳେନ୍ଦ୍ର ସାମନ୍ତରାୟ, ହିମାଙ୍ଗିନୀ ଦତ୍ତ, କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ହାସଯାଭିନେତା ପପୁ ପମ୍ପମ୍ଙ୍କ ବହୁମୁଖୀ କଳା ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ପ୍ରାରମ୍ଭରେ ଡଃ ରଣଜିତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପିକା ଆକାଂକ୍ଷା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବର ସଫଳ ଆୟୋଜନରେ ଅନୁଷ୍ଠାନର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

ବାତ୍ୟା ଆତଙ୍କ :୧୦୫ ଆଶ୍ରୟ ସ୍ଥଳୀ, ୪୦୧ ସ୍ଥାନାନ୍ତର

ଧରାକୋଟ, (ସବ୍ୟୁ) ପୂର୍ବ ବାତ୍ୟା ଯିବାର ମାତ୍ର ୨୦ ଦିନ ପରେ ଗଞ୍ଜାମ ବସି ପୁଣି ଏକ ବାତ୍ୟାର ସାମନା କରିବାକୁ ଯାଉଛନ୍ତି । ଜିଲ୍ଲାର ଧରାକୋଟ ବ୍ଲକର ୧୮ ଗୋଟି ପଞ୍ଚାୟତ ରେ ଅର୍ଣବ ବାତ୍ୟା ପ୍ରଭାବରେ ହୋଇଥିବା ବନ୍ୟା ବ୍ୟାପକ କ୍ଷୟ କ୍ଷତି ଘଟାଇଥିଲା । ଲୋକମାନଙ୍କୁ କ୍ଷତି ପୂରଣ ଦିଆଯିବା ପ୍ରକ୍ରିୟା ବର୍ତ୍ତମାନ ଚାଲିଛି । ଗତ ଅର୍ଣବ ବନ୍ୟାରେ ବ୍ଲକର ଯାହାଡ଼ା, ସିଙ୍ଗିପୁର ଜଗମୋହନ, ମୁଣ୍ଡମରାଇ, ସରଧା ପୁର,ଧରାକୋଟ, ବରଡ଼ାବିଲି ପଞ୍ଚାୟତ ର ପ୍ରାୟ ୫୦ ପରିବାର ବାସହିନ ହୋଇଥିଲେ । ବହୁ ଚାଷଜମି ବାଲିଚର ହୋଇଯାଇଛି । ଅନ୍ୟ ପକ୍ଷରେ ଧରାକୋଟ ବ୍ଲକ ପ୍ରଶାସନ ପକ୍ଷରୁ ଆକବନ ବାତ୍ୟାକୁ ଜିରୋ କାଜୁଆଲିଟି କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବି ଡି ଓ ଲିପିନା ଦାସ, ତହସିଲଦାର ଲମ୍ବୋଦର ମାରାଣ୍ଡି, ସହକାରୀ ନିବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ, ବି ଏସ ଏସ ଓ ସଚିନ ପାତ୍ରଙ୍କ ତତ୍ତାବଧାନ ରେ ଲୋକଙ୍କ ସ୍ଥାନାନ୍ତର ପ୍ରକ୍ରିୟା, ଶୁଖିଲା ଖାଦ୍ୟ ବଣ୍ଟନ, ରନ୍ଧା ଖାଦ୍ୟ ପ୍ରସ୍ତୁତି ଓ ଗାଁ ଗାଁରେ ଲୋକଙ୍କୁ ସଚେତନ କରାଯାଉଛି । ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଧରାକୋଟ ବ୍ଲକରେ ୧୦୫ ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇ ପ୍ରସ୍ତୁତ କରି ରଖାଯାଇଛି । ସମସ୍ତ କେନ୍ଦ୍ରରେ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ରଖାଯାଇଥିବା ବେଳେ ବନ୍ୟା ପ୍ରବଣ ୩୯ ଗୋଟି ଗାଁ ଚିହ୍ନଟ କରାଯାଇ ଲୋକଙ୍କୁ ଆଗୁଆ ସଚେତନ କରାଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ ଆଶ୍ରୟସ୍ଥଳୀକୁ ଯିବାପାଇଁ ପରାମର୍ଶ ଦିଆଯାଇଛି । ଭୁସ୍ଖଳନ ପ୍ରବଣ ସାବା ପଞ୍ଚାୟତ ର ତାନାର୍ଜିପଲ୍ଲୀ, ଭାଟଖାଲ, ସିଙ୍ଗାପୁର, ଧାଡ଼ିଆମ୍ବ,ଜିରୋ ନଗର, ଝିଲିମିଲି, ବାଦୁଆ, ଭଗାପଦ୍ମପୁର,ଅଶୋକ ପଲ୍ଲୀ, କୁସୁମ ବସା,ପୁଞ୍ଜିଆମାଓ୍ୱ, ସୁବର୍ଣ୍ଣ ପୁର, ଜୟସିଂହ ଓ ସିଙ୍ଗିପୁର ପଞ୍ଚାୟତ ର ଚେମିଡି ହିଲ ଗାଁର ୪୦୧ ଲୋକଙ୍କୁ ସାବା ଓ ଛଣପଟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ଆବଶ୍ୟକତା ଅନୁଯାୟୀ ୫୧୦୦ କେ ଜି ଚୁଡ଼ା,୧୨୫୦ କେଜି ଗୁଡ଼ ବଣ୍ଟା ଯାଇଛି । ଗୋଛାଗୁଡା ଚର୍ଚ୍ଚ ଗୃହ, ବାହାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁପଲ୍ଲୀ ବିଦ୍ୟାଳୟରେ ରନ୍ଧା ଖାଦ୍ୟ ଲୋକଙ୍କୁ ଦିଆଯାଉଛି । ଗତ ବନ୍ୟାରେ ଯାହାଡ଼ା ଗାଁର ବାସହୀନ ହୋଇଥିବା ୧୦ ପରିବାରର ୨୫ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି । ଧରାକୋଟ,ବଡଗଡ, ବାଲିଶିରା ଓ ଶେରଗଡ଼ ସାସ୍ଥ୍ୟକେନ୍ଦ୍ର ରେ ୩୪ ଜଣ ଗର୍ଭବତୀ ଓ ପ୍ରସୂତୀ ଙ୍କୁ ନିରାପଦ ମତୃତ ପାଇଁ ରଖାଯାଇଛି । ବାତ୍ୟାର ମୁକାବିଲା ପାଇଁ ଓଡ୍ରାଫ ଟିମ ଧରାକୋଟରେ ପହଞ୍ଚିଥିବା ବେଳେ ଦମକଳ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ସମସ୍ତ ଆଶ୍ରୟସ୍ଥଳୀରେ ନୋଡାଲ ଅଫିସର ମାନେ ଖାଦ୍ୟ ସାମଗ୍ରୀ, ପାଇବା ପାଣି ସହ ପ୍ରସ୍ତୁତ ହୋଇ ରହିଥିବା ବି ଡି ଓ ଲିପିନା ଦାସ ସୂଚନା ଦେଇଛନ୍ତି ।

ନକଲି ଘିଅ କାରବାର ଠାବ:୩ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ବ୍ରହ୍ମପୁର,(ସବ୍ୟୁ):ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ନକଲି ଘିଅ କାରବାରର ପର୍ଦ୍ଦାଫାଶ କରିବା ସହ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ମୋଟ ୪୦ ଲିଟର ନକଲି ଓ ଅପମିଶ୍ରିତ ଘିଅ ଜବତ କରିଛି । ସୂର୍ଯ୍ୟ ଚନ୍ଦ୍ର ଘିଅ ଅପମିଶ୍ରିତ କରି ସେହି ବ୍ରାଣ୍ଡ ନାମରେ ନକଲି ପ୍ୟାକେଟ କରି ଅସ୍ୱାସ୍ଥ୍ୟକର ଘିଅ ବଜାରରେ ବିକ୍ରି କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।ପୋଲିସ ବଡ଼ବଜାରର ଦେଶୀ ବେହେରା ସାହିରେ ଏକକାଳୀନ ଚଢ଼ଉ କରି ଦୁଇ ଦୋକାନୀଙ୍କ ସମେତ ଜଣେ ଯୋଗାଣକାରୀଙ୍କୁ ଗିରଫ କରିଛି । ସେମାନେ ହେଲେ ଦେଶୀବେହେରା ସାହିର ଶିବା ଷ୍ଟୋରର ମାଲିକ ଶିବଶଙ୍କର ପାତ୍ର (୪୦), ଓମ ଟ୍ରେଡର୍ସର ମାଲିକ କେ. ବେଣୁଗୋପାଳ ସୁବୁଦ୍ଧି (୫୪) ଏବଂ ନିମଖଣ୍ଡି ମହାନ୍ତି ସାହିର ଅନିଲ ବେହେରା । ପଚରାଉଚରା ବେଳେ ଭୂତ ସାହିର ଇ. କୋଟେଶ୍ୱର ନାମକ ମୁଖ୍ୟ ଅଭିଯୁକ୍ତ ନକଲି ଘିଅ ପ୍ରସ୍ତୁତ କରି "ସୂର୍ଯ୍ୟ ଚନ୍ଦ୍ର ଘିଅ' ଲେବଲ ଲଗାଇ ପ୍ୟାକିଂ କରୁଥିବା ଜଣାପଡ଼ିଥିଲା । ଅନିଲ ବେହେରାଙ୍କ ମାଧ୍ୟମରେ ସେ ସ୍ଥାନୀୟ ଦୋକାନଗୁଡ଼ିକୁ ଏହି ନକଲି ଘିଅ ଯୋଗାଉଥିଲା । ଏହାପରେ ପୋଲିସ ନିମଖଣ୍ଡି ସ୍ଥିତ ଅନିଲଙ୍କ ଘରେ ଚଢ଼ଉ କରି ତାଙ୍କୁ ଧରିଥିଲା । ଭୂତ ସାହିରେ ଚଢ଼ଉ ବେଳେ ମୁଖ୍ୟ ଅଭିଯୁକ୍ତ ଇ. କୋଟେଶ୍ୱର ଫେରାର ହୋଇଯାଇଥିବା ଜଣାପଡ଼ିଛି ।

ଚଢ଼ଉ ସମୟରେ ଶିବା ଷ୍ଟୋରରୁ ୧ ଲିଟର ବିଶିଷ୍ଟ ୨୫ ପ୍ୟାକେଟ ଏବଂ ଓମ ଟ୍ରେଡର୍ସରୁ ୧ ଲିଟର ବିଶିଷ୍ଟ ୧୫ ପ୍ୟାକେଟ ନକଲି ଘିଅ ଜବତ ହୋଇଛି । ମୋଟ ୪୦ ଲିଟର ନକଲି ଘିଅ ଜବତ କରିଛି ପୋଲିସ । ଗିରଫ ତିନି ଅଭିଯୁକ୍ତଙ୍କୁ ବୁଧବାର କେସ ନଂ ୮୮୭/୨୬ ରେ କୋର୍ଟ ଚାଲାଣ କରାଯାଇଛି । ଫେରାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ଅଧିକ ନକଲି ଘିଅ ଜବତ କରିବା ପାଇଁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

ନୂଆଁ ଗୋଳାବନ୍ଧ ଗ୍ରାମରେ ଲୋକଙ୍କୁ ସ୍ଥାନାନ୍ତରଣ ଲାଗି ଜିଲ୍ଲାପ୍ରଶାସନର ପୟାସ

ଛତ୍ରପୁର, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା "ଆକବାନ'କୁ ମୁକାବିଲା କରିବା ସହ ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି । ଲୋକଙ୍କ ଜୀ

୫୨ କେଜି ଗଞ୍ଜେଇ ଜବତ, ୩ ଗିରଫ



ପଦ୍ମପୁର,(ସବ୍ୟୁ) : ବେଆଇନ ଗଞ୍ଜେଇ ଚାଲାଣ ଓ ବିକ୍ରି ଉପରେ ପଦ୍ମପୁର ପୋଲିସର କଡ଼ା ନଜର ରହିଛି । ଏହି କ୍ରମରେ ନାକା ଯାଞ୍ଚ ବେଳେ ଏକ ମାରୁତି ସ୍ୱିଫ୍ଟ କାରରୁ ୫୨ କେଜି ୩୧ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଉତ୍ତର ପ୍ରଦେଶର ତିନି ଜଣଙ୍କୁ ଗିରଫ କରିଛି ପୁଲିସ । ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍, ତିନୋଟି ମୋବାଇଲ ଫୋନ ଓ ନଗଦ ୬ ହଜାର ୭୬୦ ଟଙ୍କା ଜବତ ହୋଇଛି।

ପୋଲିସ ର ସୂଚନା ଅନୁଯାୟୀ, ବୁଧବାର ୧୮ ତାରିଖ ରାତି ପ୍ରାୟ ୯ଟା ୨୩ ମିନିଟ ସମୟରେ ପଦ୍ମପୁର ଥାନା ଅଧିକାରୀ କ୍ରିସେନ ସିଆ ସେମରି ଆଙ୍କ ନିର୍ଦ୍ଦେଶକ୍ରମେ ସହରର ରଜାପଡ଼ା ବ୍ରିଜ ନିକଟରେ ପୁଲିସ ପକ୍ଷରୁ ନାକା ଯାଞ୍ଚ ଚାଲିଥିଲା। ଏହି ସମୟରେ ସନ୍ଦେହଜନକ ଭାବେ ଆସୁଥିବା ଏକ ମାରୁତି ସ୍ୱିଫ୍ଟ କାର୍କୁ ଅଟକାଇ ପୁଲିସ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାର୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ମିଳିବା ପରେ ପୁଲିସ ତାହାକୁ ଜବତ କରିବା ସହ କାରେ୍ର ଥିବା ତିନି ଜଣଙ୍କୁ ଅଟକ ରଖିଥିଲା। ପରେ ଜବତ ଗଞ୍ଜେଇର ଓଜନ ୫୨ କେଜି ୩୧ ଗ୍ରାମ ବୋଲି ଜଣାପଡ଼ିଥିଲା। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଓଆର-୦୨-ବିଜେ-୨୩୦୯ ନମ୍ବର ବିଶିଷ୍ଟ ମାରୁତି ସ୍ୱିଫ୍ଟ କାର୍ ଓ ନଗଦ ୬ ହଜାର ୭୬୦ ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର କୌଶାମ୍ବୀ ଜିଲ୍ଲାର ସଚିନ କୁମାର ଏବଂ ପ୍ରୟାଗରାଜ ଜିଲ୍ଲାର ସାଗର କୁମାର ଓ ଧୀରଜ କୁମାର । ଏହି ଘଟଣାରେ ପଦ୍ମପୁର ଥାନାରେ କେସ ନମ୍ବର ୩୪୬/୨୦୨୬ରେ ମାମଲା ରୁଜୁ କରାଯାଇଛି । ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି ।

ଗାଁ ଅଭିମୁଖେ ଜିଲ୍ଲା ପ୍ରଶାସନ

ଗ୍ରାମରେ ଜନସମସ୍ୟା ଶୁଣିଲେ ଅଧିକାରୀ



କଣ୍ଟାମାଳ ,(ସବ୍ୟୁ): ଗ୍ରାମାଞ୍ଚଳର ଲୋକଙ୍କ ସମସ୍ୟାକୁ ସିଧାସଳଖ ଶୁଣିବା ସହ ତାହାର ତ୍ୱରିତ ସମାଧାନ କରିବା ଏବଂ ସରକାରୀ ଯୋଜନାର ସୁଫଳ ଗ୍ରାମବାସୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଗାଁ ଅଭିମୁଖେ ଜିଲ୍ଲା ପ୍ରଶାସନ ପହଞ୍ଚିଛି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନସ୍ଥ ପାର୍ବତୀପୁର ଓ ପାଢେଲ ଗ୍ରାମରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହ ଏକ ସଭା ଆୟୋଜନ କରିଥିଲେ । ଗ୍ରାମ ଉଦୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମର ସାମଗ୍ରିକ ବିକାଶ, ଲୋକଙ୍କ ମୌଳିକ ସମସ୍ୟା ଚିହ୍ନଟ, ସରକାରୀ ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଏବଂ ଗ୍ରାମସ୍ତରରେ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାନୀୟ ଜଳ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁ, ଭତ୍ତା, ଆବାସ ଓ ଅନ୍ୟାନ୍ୟ ସରକାରୀ ସେବା ସମ୍ପର୍କିତ ସମସ୍ୟାକୁ ଗ୍ରାମରେ ହିଁ ଶୁଣି ସମାଧାନ ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଉଛି । ଏହାଦ୍ୱାରା ଗ୍ରାମବାସୀ ନିଜ ସମସ୍ୟା ନେଇ ବାରମ୍ବାର ବ୍ଲକ କିମ୍ବା ଜିଲ୍ଲା କାର୍ଯ୍ୟାଳୟକୁ ଯିବା ପରିବର୍ତ୍ତେ ଗାଁରେ ହିଁ ପ୍ରଶାସନ ସମ୍ମୁଖରେ ଅଭିଯୋଗ ଉପସ୍ଥାପନ କରି ସମାଧାନ ପାଇବାର ସୁଯୋଗ ପାଉଛନ୍ତି। ଏହି ଜନଶୁଣାଣି ସଭା ବରଗାଁ ପଞ୍ଚାୟତର ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସଭାରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଜନସେନା, କଣ୍ଟାମାଳ ବିଡିଓ ନିରୋଜ କୁମାର ଭତ୍ରା, ସିଡିଏମଓ ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ । ଗ୍ରାମବାସୀ ନିଜ ନିଜର ସମସ୍ୟା ଓ ଅଭିଯୋଗ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିବା ବେଳେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ସେସବୁ ଅଭିଯୋଗର ତଥ୍ୟ ଓ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଲୋକଙ୍କ ସମସ୍ୟାକୁ କେବଳ ଅଭିଯୋଗ ଭାବେ ନ ନେଇ ତାହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରଶାସନ ଗୁରୁତ୍ୱ ଦେଇଥିଲା। ସଭାରେ ଉପସ୍ଥାପିତ ହୋଇଥିବା ଅଭିଯୋଗଗୁଡ଼ିକର ସମାଧାନ ଆସନ୍ତା ୭ ଦିନ ମଧ୍ୟରେ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଜନସମସ୍ୟାର ସମାଧାନ କରି ଲୋକଙ୍କୁ ସରକାରୀ ସେବା ଯୋଗାଇଦେବା ଏବଂ ଗ୍ରାମାଞ୍ଚଳରେ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱପୂର୍ଣ୍ଣ ଓ ଲୋକାଭିମୁଖୀ କରିବା ଉପରେ ଏହି ସଭାରେ ଗୁରୁତ୍ୱ ଦିଆଯାଇଥିଲା । ଗ୍ରାମକୁ ଆସି ଲୋକଙ୍କ ସମସ୍ୟା ଶୁଣିବା ଓ ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ କରିବା ପ୍ରଶାସନର ଏହି ପଦକ୍ଷେପକୁ ଗ୍ରାମବାସୀଙ୍କ ମଧ୍ୟରେ ଆଶା ସୃଷ୍ଟି କରିଥିବା ବେଳେ, ଆଗାମୀ ୭ ଦିନ ମଧ୍ୟରେ ଉପସ୍ଥାପିତ ସମସ୍ୟାଗୁଡ଼ିକର କେତେ ଦୂର ସମାଧାନ ହେଉଛି ତାହା ଉପରେ ଗ୍ରାମବାସୀଙ୍କ ନଜର ରହିବ ।

ବାତ୍ୟା ପ୍ରଭାବରେ ୩୯ ଟ୍ରେନ ବାତିଲ

୨୮ଟିର ସମୟ ପରିବର୍ତ୍ତନ

ରାୟଗଡ଼ା,(ସବ୍ୟୁ): ଉପକୂଳ ଓଡ଼ିଶା ଆଡ଼କୁ ମାଡ଼ି ଆସୁଥିବା ବାତ୍ୟା 'ଆକଭାନ'କୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ସୁରକ୍ଷା ପାଇଁ ରେଳବାଇ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ନଭେମ୍ବର ୧୯, ୨୦ ଓ ୨୧ ତାରିଖରେ ଚଳାଚଳ କରିବାକୁ ଥିବା ୩୯ଟି ଟ୍ରେନକୁ ବାତିଲ କରାଯାଇଥିବାବେଳେ ୧୮ରୁ ୨୦ ତାରିଖ ମଧ୍ୟରେ ୨୮ଟି ଟ୍ରେନ୍ଙ୍କ ସମୟ ପରିବର୍ତ୍ତନ କରାଯାଇଛି। ବାତିଲ ଟ୍ରେନ ମଧ୍ୟରେ ଭୁବନେଶ୍ୱର-ବିଶାଖାପାଟଣା, ହାୱଡ଼ା-ପୁରୀ ଓ ଟାଟାନଗର-ବ୍ରହ୍ମପୁର ବନ୍ଦେ ଭାରତ ଏକ୍ସପ୍ରେସ ସହ ପୁରୀ-ଯଶବନ୍ତପୁର ଗରିବ ରଥ ରହିଛି । ସେହିପରି କେତେକ ଦୂରଗାମୀ ଟ୍ରେନ ୫ରୁ ୧୧ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବରେ ଛାଡ଼ିବ । ଅନ୍ୟ ଟ୍ରେନ୍ଗୁଡ଼ିକର ସମୟ ମଧ୍ୟ ୨ରୁ ୪ ଘଣ୍ଟା ଘୁଞ୍ଚାଯାଇଛି। ଏହାବ୍ୟତୀତ ୨୦ ତାରିଖର ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ୍ ଗତିପଥ ପରିବର୍ତ୍ତନ କରାଯାଇଛି । ତେବେ ୧୯ ତାରିଖରେ ଭୁବନେଶ୍ୱର ଓ କଟକରୁ ପଲାସା ଏବଂ ଗୁଣୁପୁର ଅଭିମୁଖେ ଚଳାଚଳ କରୁଥିବା ୩ଟି ମେମୁ ଟ୍ରେନ ନିର୍ଦ୍ଧାରିତ ସମୟରେ ଚାଲିବ । ଯାତ୍ରୀମାନେ ଯାତ୍ରା ପୂର୍ବରୁ ଏନ୍ଟିଇଏସ କିମ୍ବା ରେଳବାଇର ଅଧିକୃତ ମାଧ୍ୟମରୁ ଟ୍ରେନ ସମ୍ପର୍କିତ ସଦ୍ୟତମ ସୂଚନା ଯାଞ୍ଚ କରିବାକୁ ରେଳବାଇ ପରାମର୍ଶ ଦେଇଛି । ଭୂସ୍ଖଳନ ବିପଦ ଥିବାରୁ ରାୟଗଡା, ବିଶାଖାପାଟଣା, କୋରାପୁଟ ରେଳପଥ ବନ୍ଦେ ଭାରତ ସପର୍ଟ ଅନେକ ଟ୍ରେନ ବାତିଲ କରାଯାଇଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି ।

ନିଶାମୁକ୍ତ ଓଡ଼ିଶା ନାଁରେ ବାର୍ କୁ ପ୍ରୋତ୍ସାହନ

ଅବକାରୀ ନିୟମ ଉଲ୍ଲଂଘନ ! ଚିଠି ଲେଖିଲେ ବିଧାୟକ

ରାୟଗଡା,(ସବ୍ୟୁ): ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାରଙ୍କ ଘୋଷଣା ଓ ବାସ୍ତବ କ୍ଷେତ୍ରରେ ମଦ ବାରକୁ ଅନୁମତି ପ୍ରଦାନ ମଧ୍ୟରେ ସାମଞ୍ଜସ୍ୟ ନଥିବା ଅଭିଯୋଗ ଉଠିଛି । ରାୟଗଡ଼ା ଜିଲା କାଶୀପୁରରେ ଏକ ବିୟର ପାର୍ଲରକୁ ପୂର୍ଣ୍ଣାଙ୍ଗ ବିଦେଶୀ ମଦ ବାରରେ ପରିଣତ କରିବାକୁ ମିଳିଥିବା ଅନୁମତିକୁ ନେଇ ଏବେ ବିବାଦ ତୀବ୍ର ହୋଇଛି । ଅବକାରୀ ନିୟମର ଉଲ୍ଲଂଘନ ସହ ସ୍ଥାନୀୟ ଲୋକଙ୍କ ବିରୋଧକୁ ଅଣଦେଖା କରି ଏଭଳି ଅନୁମତି ଦିଆଯାଇଥିବା ଅଭିଯୋଗ କରିଛନ୍ତି ରାୟଗଡ଼ା ବିଧାୟକ କାତ୍ରାକା ଆପ୍ପାଲାସ୍ୱାମୀ। ଏ ନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଚିଠି ଲେଖି ଅନୁମତି ବାତିଲ ସହ ପୁନଃ ତଦନ୍ତ ଦାବି କରିଛନ୍ତି। ଗତ ନଭେମ୍ବର ୯ ତାରିଖରେ ଉକ୍ତ ବିୟର ପାର୍ଲରକୁ ବିଦେଶୀ ମଦ ଅନ ସପ ବାରରେ ପରିଣତ କରିବାକୁ ଅନୁମତି ମିଳିଥିଲା। ବିଧାୟକଙ୍କ ଅଭିଯୋଗ ଅନୁସାରେ, ଅବକାରୀ ନିୟମ ମୁତାବକ ଦୁଇଟି ମଦ ଦୋକାନ ମଧ୍ୟରେ ୫୦୦ ମିଟର ଦୂରତା ରହିବା ଆବଶ୍ୟକ । ମାତ୍ର ତହସିଲଦାରଙ୍କ ତଦନ୍ତ ରିପୋର୍ଟରେ ନିକଟସ୍ଥ ମଦ ଦୋକାନଠାରୁ ଏହାର ଦୂରତା ମାତ୍ର ୭୦ ମିଟର ବୋଲି ଦର୍ଶାଯାଇଛି ।

ଅନ୍ୟପକ୍ଷରେ ନୂଆସାହି ବାସିନ୍ଦା ଓ ସ୍ଥାନୀୟ ସରପଞ୍ଚ ବାର ଖୋଲିବାକୁ ବିରୋଧ କରିଛନ୍ତି । ଜନବହୁଳ ଆବାସିକ ଅଞ୍ଚଳରେ ବାର ଖୋଲିଲେ ମହିଳାଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ପ୍ରଭାବିତ ହେବା ଆଶଙ୍କା ରହିଥିବା ସେମାନେ ଦର୍ଶାଇଛନ୍ତି। କାଶୀପୁର ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଭାବନା ଓ ମତାମତକୁ ଗୁରୁତ୍ୱ ଦେବାକୁ ବିଧାୟକ ଦାବି କରିଛନ୍ତି । ତେବେ ଏହି ଅଭିଯୋଗକୁ ଖଣ୍ଡନ କରି ରାୟଗଡ଼ା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ କହିଛନ୍ତି, ସମସ୍ତ ଦିଗ ଯାଞ୍ଚ କରିବା ପରେ ନିୟମ ଅନୁଯାୟୀ ଉଚ୍ଚସ୍ତରରେ ଅନୁମତି ଦିଆଯାଇଛି । ଏଭଳି ସ୍ଥିତିରେ ନିଶାମୁକ୍ତ ଓଡ଼ିଶା ଗଠନର ସରକାରୀ ଲକ୍ଷ୍ୟ ଓ ଅବକାରୀ ବିଭାଗର ଏହି ନିଷ୍ପତ୍ତିକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

ସଫେଇ କର୍ମଚାରୀଙ୍କ ଘରୁ ଚୋରି

ରାୟଗଡା,(ସବ୍ୟୁ): ରାୟଗଡ଼ା ସହରର ରୟତ କଲୋନୀ ଦ୍ୱିତୀୟ ଲେନର ଏକ ବଡ଼ଧରଣର ଚୋରି ଘଟଣା ଘଟିଛି । ଜଣେ ପୌର ପରିଷଦ ସଫେଇ କର୍ମଚାରୀଙ୍କ ଘରୁ ଦୁର୍ବୃତ୍ତମାନେ ୧୦ ତୋଳା ସୁନା ଅଳଙ୍କାର, ୩ ହଜ଼ ରୂପା ପାଉଁଜି ଓ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଏ ନେଇ ସହରରେ ଆତଙ୍କ ଖେଳିଯାଇଛି । ପୌର ପରିଷଦରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ ଭବାନୀ ସାଉନ୍ତିଆ ପ୍ରତିଦିନ ଭଳି ପାହାନ୍ତିଆ ସମୟରେ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଘରୁ ବାହାରି ଯାଇଥିଲେ । ଏହି ସୁଯୋଗରେ ଘରେ ପଶିଥିବା ଦୁର୍ବୃତ୍ତମାନେ ଆଲମାରି ଭାଙ୍ଗି ସେଥିରେ ଥିବା ସମସ୍ତ ମୂଲ୍ୟବାନ ସାମଗ୍ରୀ ଲୁଟି ଫେରାର ହୋଇଯାଇଥିଲେ । କାର୍ଯ୍ୟ ସାରି ଘରକୁ ଫେରିବା ପରେ ଆଲମାରି ଭଙ୍ଗାଯାଇଥିବା ଏବଂ ସୁନା, ରୂପା ଅଳଙ୍କାର ସହ ଟଙ୍କା ଚୋରି ହୋଇଥିବା ଦେଖି ଭବାନୀ ହତବାକ ହୋଇପଡ଼ିଥିଲେ । ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସହରର ବିଭିନ୍ନ ଜନବସତି ଅଞ୍ଚଳରେ ଚୋରି ଘଟଣା ବଢୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି । ସହରର ଅଧିକାଂଶ ସ୍ଥାନରେ ସିସିଟିଭି କ୍ୟାମେରା ଅଚଳ ହୋଇପଡ଼ିଥିବାରୁ ଅପରାଧୀମାନେ ଏହାର ସୁଯୋଗ ନେଉଥିବା ଅଭିଯୋଗ ହେଉଛି । ସହରର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ସହ ସିସିଟିଭି କ୍ୟାମେରାଗୁଡ଼ିକୁ ତୁରନ୍ତ ସଚଳ କରିବାକୁ ଦାବି ହୋଇଛି ।

ଗଙ୍ଗାଧର ଭବନ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



ସିନାପାଲି,(ସବ୍ୟୁ) : ଭୁବନେଶ୍ୱର ଠାରେ କବି ଗଙ୍ଗାଧର ମେହେର ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହାର ଉଦଘାଟନ ଉତ୍ସବ ଆୟୋଜନ ପାଇଁ ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜ ତରଫରୁ ପଦକ୍ଷେପ ଆରମ୍ଭ ହୋଇଯାଇଛି । ଏହି କ୍ରମରେ ବୁଧବାର ସମାଜର ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ନବନିର୍ମିତ ଗଙ୍ଗାଧର ଭବନର ଉଦଘାଟନୀ ଉତ୍ସବରେ ଯୋଗଦାନ କରିବାକୁ ନିମନ୍ତ୍ରଣ କରିଥିଲେ। ଆଗାମୀ ମକର ସଂକ୍ରାନ୍ତି ପରେ ହେବାକୁ ଥିବା ଏହି ଉତ୍ସବରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଓ ଆଲୋଚନା ସମୟରେ ନିଖିଳ ଓଡ଼ିଶା ମେହେର ସମାଜର ସଭାପତି ବୈଶମ୍ପାୟନ ମେହେର, ପରାମର୍ଶଦାତା ହିମାଂଶୁ ମେହେର, ଅରୁନ୍ଧତୀ ଗ୍ରୁପ ଅଫ କମ୍ପାନୀର ମହା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ସାଙ୍ଗଠନିକ ସମ୍ପାଦକ ପ୍ରଫୁଲ୍ଲ ମେହେର, ଡାକ୍ତର ବିକାଶ ମେହେର, ଅଶୋକ ମେହେର, ଉମାକାନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମାଜ ତରଫରୁ ବାନ୍ଧକଳାରେ ତିଆରି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଏକ ପ୍ରତିଛବି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା ।

ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡତିଆଙ୍କ ଶୌର୍ଯ୍ୟ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ସ୍ଥିତ ଶହୀଦ ମଧୁ ଗଡ଼ତିଆ ପାର୍କ ଠାରେ 'ଶୌର୍ଯ୍ୟ ଦିବସ' ପାଳିତ ହୋଇଯାଇଛି। ମଧୁ ଗଡତିଆ ସ୍ମୃତି କମିଟି ଓ ସ୍ଥାନୀୟ ଗଣ୍ଡ ସମାଜର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା । ଯୁଯୋମୁରା ବ୍ଲକର ବିଡିଓ ରାଜେଶ ଏକ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଧୁ ଗଡତିଆଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁ ଗଡତିଆଙ୍କ ସମ୍ପୂର୍ଣ୍ଣ ଜୀବନ ସଂଗ୍ରାମ ଓ ବୀରତ୍ୱ ଉପରେ ଆଲୋଚନା କରିଥିଲେ । ଯୁଯୋମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶହୀଦଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ପୂର୍ବରୁ ଆୟୋଜିତ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଆଦର୍ଶ ବିଦ୍ୟାଳୟର ସୁଚିସ୍ମିତା ପ୍ରଧାନ ଓ ଯୁଯୋମୁରା ସରକାରୀ ଉଚ୍ଚବିଦ୍ୟାଳୟର କୁମୁଦିନି ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।। କାର୍ଯ୍ୟକ୍ରମ ପରିଚାଳନାରେ ଲଲିତା ପ୍ରଧାନ, ଦୀପକ ବିଶ୍ୱାଳ, କିରନ ପ୍ରଧାନ, ବିଶୋକ ଭୋଇ, ଅଧ୍ୟାପକ ସୁଶୀଲ ପ୍ରଧାନ, ନିତୁ ଦେହୁରୀ, ଗୁରୁଚରଣ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୁରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ନିଶା ସାମଗ୍ରୀ ସହ ଯୁବକ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ଭାବେ ନିଶା ସାମଗ୍ରୀ ବିକ୍ରି ଅଭିଯୋଗରେ ହୀରାକୁଦ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ଝାଙ୍କରପଡାର ଜଗଦିଶ କହ୍ନେର (୧୯) ବୋଲି ଜଣାପଡିଛି । ତାଙ୍କ ନିକଟରୁ ୧୨ଟି ନିଶା କଫସିରପ ଭର୍ତ୍ତି ବୋତଲ, ୫ଟି ଖୋଲା କଫସିରପ ବୋତଲ ଓ ୨୦ଲିଟର ଦେଶୀ ମଦ ଜବତ ହୋଇଛି । ଏନେଇ ୨୪୮/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ନିଶା ସାମଗ୍ରୀ ବିକ୍ରି ହେଉଥିବା ଖବର ପାଇ ହୀରାକୁଦ ଥାନା ପୋଲିସ ଝାଙ୍କରପଡାରେ ଚଢାଉ କରିଥିଲା । ଚଢାଉ ବେଳେ ଜଗଦିଶଙ୍କ ସହ ଉପରୋକ୍ତ ନିଶା ସାମଗ୍ରୀ ଜବତ ହୋଇଛି ।

ପ୍ରକାଶପୁର-ଚିଚୋଲିରେ ୧୮ତମ ଅଖଣ୍ଡ ୨୪ ପ୍ରହରୀ ହରିନାମ ଯଜ୍ଞ ଉଦ୍‌ଯାପିତ

ଅୟାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲା ଅୟାଭୋନା ବ୍ଲକ ନିକଟସ୍ଥ ପ୍ରକାଶପୁର-ଚିଚୋଲି ଗ୍ରାମରେ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୧୮ତମ ଅଖଣ୍ଡ ୨୪ ପ୍ରହରୀ ହରିନାମ ଯଜ୍ଞ ମହୋତ୍ସବ ଉଦଯାପିତ ହୋଇଯାଇଛି । ଅଖଣ୍ଡ ହରିନାମ ସଂକୀର୍ତ୍ତନରେ ସମଗ୍ର ଗ୍ରାମ ଭକ୍ତିରସରେ ଭରି ଉଠିଥିବା ବେଳେ ଆଖପାଖ ଅଞ୍ଚଳରୁ ବହୁ ଗୌରପ୍ରେମୀ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଏହି ପବିତ୍ର ଯଜ୍ଞରେ ଉଗ୍ରସେନ ନାୟକ ଓ ତାଙ୍କ ଧର୍ମପତ୍ନୀ ସୁବାସିନୀ ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୁରୋହିତ ବିଶ୍ୱ ଦାଶଙ୍କ ପୌରୋହିତ୍ୟରେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମ, ଆଳତି, ପୁଷ୍ପାଞ୍ଜଳି ଓ ଅନ୍ୟାନ୍ୟ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପରେ ପୂର୍ଣ୍ଣାହୁତି ପ୍

କେନ୍ଦୁମୁଣ୍ଡା ଜଙ୍ଗଲରୁ ବେଆଇନ ଦେଶୀ ବନ୍ଧୁକ ସହ ୩ ଶିକାରୀ ଗିରଫ



ରେଢ଼ାଖୋଲ,(ସବ୍ୟୁ) ଗୁରୁବାର ପୂର୍ବାହ୍ନରେ ଖଲାସୁଣି ବନ୍ୟଜନ୍ତୁ ଅଭୟାରଣ୍ୟକୁ ଲାଗିଥିବା କେନ୍ଦୁମୁଣ୍ଡାଏ ଭିତରେ ବେଆଇନ ଭାବେ ଦେଶୀ ବନ୍ଧୁକ, ଗୁଳି ଏବଂ ପଶୁ ସାମଗ୍ରୀ ରଖି ବନ୍ୟଜନ୍ତୁ ଶିକାର କରିବାକୁ ଉଦ୍ୟମ କରୁଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବନ ବିଭାଗ । ଗିରଫ ଶିକାରୀ ମାନେ ହେଲେ ଦେଓଗଡ଼ ଜିଲ୍ଲା। ବଡସିମଲାଇ ଗ୍ରାମର ମଦନ ପାତ୍ର, କିସିଣ୍ଡା ଥାନା ଜେମାଙ୍ଗୁରୀ,ଗ୍ରାମର ବୁଧଦେବ ଟପ୍ପୋ ଓ ରାଙ୍କୁ ଲୁହା କିସିଣ୍ଡା ଥାନା ଜେମାଙ୍ଗୁରୀ ଗ୍ରାମ ର ବୋଲି ବନବିଭାଗ ର ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁ ପ୍ରକାଶ କରିଛନ୍ତି । ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ ଗୋଟିଏ ଗୁଳି / ଗୋଳାବାରୁଦ ଓ ପଶୁ ସାମଗ୍ରୀ ଜବତ କରିବା ସହ କୋର୍ଟ ଚାଲାଣ କରାଜଥିବା ବନ ବିଭାଗ କହିଛି । ଅଭିଯୁକ୍ତ ମାନେ ଜଙ୍ଗଲରେ ଜନ୍ତୁ ଶିକାର କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ କେନ୍ଦୁମୁଣ୍ଡା ଜଙ୍ଗଲରେ ଚଢ଼ାଉ କରି ଏମାନଙ୍କୁ ଧରିବାରେ ସଫଳ ହୋଇଥିଲା ।

୧୨ ହଜାର ଟଙ୍କା ଲାଞ୍ଚ ନେଇ ତହସିଲଦାର ଓ ଡ୍ରାଇଭର ଗିରଫ

୩ ଟି ସ୍ଥାନରେ ଭିଜିଲାନ୍ସର ଏକକାଳୀନ ଚଢ଼ାଉ

ଗୋଲାମୁଣ୍ଡା, (ସବ୍ୟୁ): କୃଷି ଜମିକୁ ଘରବାରି କିସମରେ ପରିବର୍ତ୍ତନ କରିବା ସହ ସଂଶୋଧିତ ଜମି ରେକର୍ଡ (ଆର୍ଓଆର୍) ପ୍ରଦାନ ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ଦାବି ଓ ଗ୍ରହଣ ଅଭିଯୋଗରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଏବଂ ତାଙ୍କ ଡ୍ରାଇଭର ପଙ୍କଜ ସିପକାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି ।

ଗୁରୁବାର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ ଯୋଜନାବଦ୍ଧ ଭାବେ ଜାଲ ବିଛାଇ ଏହି କାର୍ଯ୍ୟାନୁଷ୍ଠାନ ନେଇଛି । ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ବାବେଗୁଡ଼ା ଗ୍ରାମର ଚନ୍ଦ୍ରଧ୍ୱଜ କେତକୀ ଗତ ଅକ୍ଟୋବର ୨୨ ତାରିଖରେ ନିଜର କୃଷି ଜମିକୁ ଘରବାରି କିସମରେ ପରିବର୍ତ୍ତନ କରିବା ପାଇଁ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟରେ ଅନଲାଇନରେ ଆବେଦନ କରିଥିଲେ । ଏହାପରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (ଆର୍ଆଇ) ନଭେମ୍ବର ୨ ତାରିଖରେ ଜମିର ତଦନ୍ତ ରିପୋର୍ଟ ଓ ସ୍କେଚ ମ୍ୟାପ ତହସିଲଦାରଙ୍କ ନିକଟରେ ଦାଖଲ କରିଥିଲେ। ଅଭିଯୋଗ ଅନୁସାରେ, ଆବଶ୍ୟକୀୟ ତଦନ୍ତ ରିପୋର୍ଟ ଦାଖଲ ହେବା ସତ୍ତ୍ୱେ ଆବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହୋଇନଥିଲା।। ସଂଶୋଧିତ ଆର୍ଓଆର୍ ପ୍ରଦାନ କରିବା ପାଇଁ ତହସିଲଦାର ଚନ୍ଦନ କୁମାର ନାୟକ ୧୦ ହଜାର ଟଙ୍କା ଏବଂ ଡ୍ରାଇଭର ପଙ୍କଜ ସିପକାଙ୍କ ପାଇଁ ଅତିରିକ୍ତ ୨



ହଜାର ଟଙ୍କା ଦାବି କରିଥିବା ଆବେଦନକାରୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ ଏକ ଯୋଜନା ପ୍ରସ୍ତୁତ କରିଥିଲା। ଗୁରୁବାର ଡ୍ରାଇଭର ପଙ୍କଜ ସିପକା ଆବେଦନକାରୀଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ ଚଢ଼ାଉ କରିଥିଲା । ଏହି ସମୟରେ ୧୨ ହଜାର ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି । ଏହି ଘଟଣାରେ ତହସିଲଦାର ଓ ତାଙ୍କ ଡ୍ରାଇଭରଙ୍କୁ ଗିରଫ କରାଯାଇଛି । ଏଥିସହ ଆୟବର୍ହିଭୂତ ସମ୍ପତ୍ତି ସମ୍ପର୍କିତ ସନ୍ଦେହରେ ତହସିଲଦାରଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନ ଏବଂ ଡ୍ରାଇଭରଙ୍କ ବାସଭବନକୁ ମିଶାଇ ମୋଟ ତିନିଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି । ଚଢ଼ାଉରୁ କେଉଁ କେଉଁ ତଥ୍ୟ ଓ ସମ୍ପତ୍ତିର ବିବରଣୀ ମିଳିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଏହି ଘଟଣାକୁ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ କେସ ନମ୍ବର ୨୬/୨୦୨୬ ରୁଜୁ ହୋଇଛି । ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି । ସରକାରୀ କାର୍ଯ୍ୟାଳୟରେ ଜମିଜମା ସମ୍ପର୍କିତ କାମ ପାଇଁ ସାଧାରଣ ଲୋକଙ୍କୁ ଯଦି ଲାଞ୍ଚ ଦେବାକୁ ପଡ଼େ, ତେବେ ତାହା ପ୍ରଶାସନିକ ସଚ୍ଛତା ଓ ଜନସାଧାରଣଙ୍କ ଆସ୍ଥା ଉପରେ ପ୍ରଶ୍ନ ଉଠାଏ । ତେବେ ଏହି ମାମଲାରେ ଅଭିଯୋଗଗୁଡ଼ିକର ସତ୍ୟାସତ୍ୟ ଓ ଅନ୍ୟାନ୍ୟ ଦିଗ ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାକୁ ନେଇ ଗୋଲାମୁଣ୍ଡା ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି ।

ଚାକିରି ଦେବା ନାଁରେ ଠକେଇ ମାମଲାରେ ୩ ବର୍ଷ କାରାଦଣ୍ଡ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ବ୍ରଜେଶ ମିଶ୍ର ଏକ ଠକେଇ ମାମଲାର ଶୁଣାଣି କରି ଟାଙ୍ଗରମୁଣ୍ଡା ଗ୍ରାମର ହେମଲତା ନାଏକ(୨୮)ଙ୍କୁ ଦୋଷୀ ସାବସ୍ତ କରିଛନ୍ତି। ତାଙ୍କୁ ୩ ବର୍ଷ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୩ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ସରକାରୀ ଡାକ୍ତରଖାନାରେ ସୁରକ୍ଷା କର୍ମୀ ଚାକିରି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ସ୍ୱାଗତମ ବେହେରାଙ୍କ ଠାରୁ ୮୦ ହଜାର ଟଙ୍କା ଅଗ୍ରୀମ ନେଇଥିଲେ । ଏକ ସପ୍ତାହ ମଧ୍ୟରେ ଚାକିରି ନ ଦେଲେ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ପତ୍ର ଦେଇଥିଲେ । ସେହିପରି ସମାନ ଢଙ୍ଗରେ ଅନ୍ୟ ଦୁଇ ଜଣଙ୍କ ଠାରୁ ମଧ୍ୟ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ଫେରସ୍ତ ନ କରିବା ଓ ଧମକ ଦେବାରୁ ଅଭିଯୋଗକାରୀ ସମ୍ବଲପୁର ଟାଉନ୍ ଥାନାରେ ୧୪ମେ, ୨୦୨୬ରେ ଏତଲା ଦେଇଥିଲେ । ଏନେଇ ଟାଉନ୍ ଥାନା ପୋଲିସ ୧୬୫/୨୦୨୬ରେ ଏ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଚାର୍ଜସିଟ୍ ଦାଖଲ କରିଥିଲା। ସରକାରୀ ପଦାଧିକାରୀ ଭାବେ ନିଜକୁ ପରିଚୟ ଦେଇ ବେକାର ଯୁବକ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ସରଳତାର ସୁଯୋଗ ନେଇ ଏଭଳି ସୁଚିନ୍ତିତ ଆର୍ଥିକ ଠକେଇ କରାଯାଇଥିବାରୁ ଅଦାଲତ କୌଣସି କୋହଳ ମନୋଭାବ ପୋଷଣ କରିନାହାନ୍ତି। ଏହି ମାମଲାକୁ ଅତିରିକ୍ତ ପିପି ଟିକେଶ୍ୱର ପ୍ରଧାନ, ଶୁଭମ ଅଗ୍ରୱାଲ ଓ ମହେଶ ମୁନସୀ ପରିଚାଳନା କରିଥିଲେ ।

ଶିଶୁପୁତ୍ରର ମୃତଦେହ ଉଦ୍ଧାର ହତ୍ୟା ସନ୍ଦେହରେ ଦୁଇ ଅଟକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ପୋଷ୍ଟ ଅଫିସ ପଡାର ଏକ ପରିତ୍ୟକ୍ତ କୂଅରୁ ଜଣେ ଶିଶୁପୁତ୍ରର ମୃତଦେହ ଉଦ୍ଧାର ହୋଇଛି । ମୃତ ଶିଶୁପୁତ୍ରଟି ରସ୍ମିତା ବାଗ(୨୦)ଙ୍କ ବୋଲି ଜଣାପଡିଛି । ଖବର ପାଇ ଯୁଯୋମୁରା ଥାନା ପୋଲିସ ୨୧୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଏଥିସହ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନାଯୋଗ୍ୟ, ରସ୍ମିତା ବାଗ ନିଜ ମାମୁଁ ଘରେ ରୁହନ୍ତି । ସେ ନିଜର ୧୦ମାସର ଶିଶୁପୁତ୍ରକୁ ସାଙ୍ଗରେ ଧରି ବୁଧବାର ରାତିରେ ଶୋଇଥିଲେ । ତେବେ ମଧ୍ୟରାତ୍ରରେ ଶିଶୁପୁତ୍ରକୁ ନପାଇ ପରିବାର ଲୋକଙ୍କ ସହ ଖୋଜାଖୋଜି କରିଥିଲେ। ଗୁରୁବାର ସକାଳେ ଘର ପଛପଟ ଏକ ପରିତ୍ୟକ୍ତ କୂଅରୁ ଶିଶୁର ମୃତଦେହ ମିଳିଥିଲା । କେହି ଶିଶୁକୁ ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏହି ଘଟଣାରେ ପରିବାର ଲୋକଙ୍କ ସଂପୃକ୍ତି ଥିବା ସନ୍ଦେହ କରି ପୋଲିସ ୨ଜଣଙ୍କୁ ଅଟକ ରଖିବା ରଖି ପଚରାଉଚରା କରୁଛି ।

ଗ୍ରୀଣ୍ଡୋଲ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ

ଗୋଲାମୁଣ୍ଡା,(ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗ୍ରୀଣ୍ଡୋଲ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍ସାହ ଓ ଆନନ୍ଦର ସହ ଶିଶୁ ଦିବସ ପାଳିତ ହୋଇଯାଇଛି । ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ଶିଶୁକେନ୍ଦ୍ରିକ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉପରେ ଏହି ଅବସରରେ ଗୁରୁତ୍ୱ ଦିଆଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପବିତ୍ର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ ଏବଂ ଗ୍ରୀଣ୍ଡୋଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗଜେନ୍ଦ୍ର ନାଏକ ଉପସ୍ଥିତ ରହି ଶିଶୁ ଦିବସର ମହତ୍ତ୍ୱ ଓ ଶିଶୁଙ୍କ ଭବିଷ୍ୟତ ଗଠନରେ ଶିକ୍ଷାର ଭୂମିକା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଶିଶୁମାନଙ୍କ ପ୍ରିୟ ଚାଚା ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଚନ୍ଦନ ଅର୍ପଣ କରିବା ସହ ପ୍ରାର୍ଥନା କରିଥିଲେ । ପରେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହଶିକ୍ଷକ ନରୋତ୍ତମ ମହାନନ୍ଦ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁନିଲ କୁମାର ମୁଣ୍ଡ, ଅଭିରାମ ନାଏକ, ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ଓ ରାଜଶ୍ରୀ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ । ଶିଶୁଙ୍କ ହସ, ଉତ୍ସାହ ଓ ପ୍ରତିଭାର ପରିପ୍ରକାଶ ମଧ୍ୟରେ ଉତ୍ସବ ଶେଷ ହୋଇଥିଲା ।

ରୋହିତଙ୍କ ଦୋଗଳା ନୀତି, ମୁହଁରେ ଶୋଭା ପାଉନାହିଁ : ସମୀର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସ୍ଥିତ ଏନ୍ଏଲସି କମ୍ପାନୀ ବିରୁଦ୍ଧରେ ସ୍ଥାନୀୟ ନିଯୁକ୍ତି ଓ ରୋଜଗାର ଦାବିରେ ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଜନଆନ୍ଦୋଳନ ଚାଲୁ ରହିଛି । ଏହାକୁ ନେଇ ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ ରାଜନୀତି କରୁଛନ୍ତି ବୋଲି ବିଜେପି ଜିଲ୍ଲା ସମ୍ପାଦକ ସମୀର ରଞ୍ଜନ ବାବୁ ଅଭିଯୋଗ କରିଛନ୍ତି । ଲୋକଙ୍କ ସ୍ୱାର୍ଥ ପାଇଁ ଲୋକ ପ୍ରତିନିଧି ଆନ୍ଦୋଳନ କରୁଥିବା ବେଳେ ଶ୍ରୀ ପୂଜାରୀ ତାହାକୁ ସହ୍ୟ କରିପାରୁ ନାହାନ୍ତି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ରୋହିତ ପୂଜାରୀଙ୍କ ମଧ୍ୟ ସମ୍ପୃକ୍ତ କମ୍ପାନୀ ସହ ଭିତିରି ସମ୍ପର୍କ ରହିଛି । କଳା ହୀରା (କୋଇଲା) ଚୋରିରେ ତାଙ୍କର ହାତ ଅଛି । ଲୋକଙ୍କ ସହିତ ଛିଡ଼ା ହେବା ପରିବର୍ତ୍ତେ ସେ କମ୍ପାନୀର ଗୋଲାମୀ କରିବା ଭଳି କାର୍ଯ୍ୟ କରୁଛନ୍ତି । ପୂର୍ବ ବିଜେଡି ସରକାର ସମୟରେ ଏହି କମ୍ପାନୀ ଆରମ୍ଭ ହୋଇଥିବା ବେଳେ ଶାଗ ମାଛ ଦରରେ ଆଦିବାସୀ ଜମି ହଡ଼ପ କରାଯାଇଛି । ଏଥିରେ ସେମାନେ ନିଜେ ଲାଭବାନ ହେଉଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି । କିଛି ମାସ ପୂର୍ବରୁ ସମ୍ବଲପୁର ଜିଲ୍ଲାରେ ପାଉଁଶ ପରିବହନ ଓ ଡମ୍ପିଂକୁ ନେଇ ଶ୍ରୀ ପୂଜାରୀ ଗଣମାଧ୍ୟମ ଆଗରେ ବିଷୋଦ୍‌ଗାର କରିଥିଲେ । ମାତ୍ର ତାଙ୍କ ଭାଇଙ୍କୁ ପାଉଁଶ ପରିବହନ କାମ ମିଳିଯିବା ପରେ ସେ ସେହି ପ୍ରସଙ୍ଗ ଭୁଲି ଯାଇଛନ୍ତି । ଏବେ କ'ଣ ସମ୍ବଲପୁରରେ ପାଉଁଶ ପରିବହନ ଯୋଗୁଁ ପ୍ରଦୂଷଣ ହେଉନାହିଁ କି? ନିଜ ଭାଇଙ୍କ ପାଉଁଶ ବ୍ୟବସାୟ ସ୍ୱାର୍ଥ ପାଇଁ ସେ ରାଜନୈତିକ ଦଳକୁ ବ୍ୟବହାର କରୁଛନ୍ତି ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ତେବେ ବିଜେପି ଓ ବିଜେଡି ମଧ୍ୟରେ ଏନ୍ଏଲ୍ସି ପ୍ରସଙ୍ଗକୁ ନେଇ କାଦୁଅ ଫିଙ୍ଗାଫିଙ୍ଗି ଚାଲିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ରାଜନୀତି ବେଶ ସରଗରମ ରହିଛି ।

ବାତ୍ୟା ପ୍ରଭାବରେ ମୁରିବାହାଲ ବ୍ଲକ୍ ଅଞ୍ଚଳରେ ବର୍ଷା ଜାରି

ମୁରିବାହାଲ,(ସବ୍ୟୁ): ଭୀଷଣ ବାତ୍ୟା ଅକଓ୍ୱାନ ଶେଷରେ ଓ ମୁହାଁ ହୋଇଛି। ତେବେ ଅକଓ୍ୱାନ ସ୍ଥଳଭାଗ ଛୁଇଁବା ମାତ୍ରେ ଭୀଷଣ ବାତ୍ୟାରୁ ହଠାତ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି।ଏହାର ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷବ କିଛୁ ପବନ କମ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଏହାରି ପ୍ରଭାବରେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରୁ ଝିପିଝିପି ବର୍ଷା ଲାଗି ରହିଛି । ପୂର୍ବରୁ ଆସିଥିବା ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଅଞ୍ଚଳରେ ହୋଇଥିବା ବର୍ଷା କେତେକ ଚାଷୀଙ୍କ ପାଇଁ ବରଦାନ ସାଜିଥିବା ବେଳେ କେତେକ ଚାଷୀଙ୍କ ପାଇଁ ଦୁଃଖ ଆଣି ଦେଇଥିଲା । ବର୍ତ୍ତମାନ ବିଲରେ ପାଚିଲା ଧାନର ଲହଡ଼ି ଖେଳୁଥିବା ଦେଖି ଚାଷୀ ମନରେ ଆନନ୍ଦ ଭରିଯାଇଛି । ଯେଉଁମାନେ ବର୍ତ୍ତମାନ ଧାନ ଅମଳ କରିଛନ୍ତି ସମ୍ଭାବ୍ୟ ବାତ୍ୟା ଅକଓ୍ୱାନକୁ ନେଇ ଚିନ୍ତା ବଢିଯାଇଛି । ଚାଷୀଙ୍କ ପାଇଁ ଧାନ କେବଳ ଏକ ଫସଲ ନୁହେଁ, ବର୍ଷକର ପରିଶ୍ରମ, ପରିବାରର ଜୀବିକା ଓ ଆଗାମୀ ଦିନର ଆଶା । ଖରା, ବର୍ଷା, ଝଡ଼ ଓ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଚାଷୀ ଏବେ ଧାନ ଅମଳ ପର୍ଯ୍ୟାୟରେ ପହଞ୍ଚିଛି। ସେତେବେଳେ ଧାନ ପାଚି ମୁଣ୍ଡ ନୁଆଁଇଥିବା ବେଳେ ଅମଳ ପାଇଁ ଚାଷୀ ପ୍ରସ୍ତୁତି ଚଳାଇଥିଲା । ଏହି ସମୟରେ ବାତ୍ୟା, ବର୍ଷା ଆଶଙ୍କା ଚାଷୀ ମନରେ ଭୟ ସୃଷ୍ଟି କରିଛି । ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭରଶୀଳ ବ୍ଲକ ଅଞ୍ଚଳର ଅଧିକାଂଶ ପରିବାର ପାଇଁ ଧାନ ହିଁ ବର୍ଷକର ମୁଖ୍ୟ ଆୟର ଉତ୍ସ। ତେଣୁ ଚଳିତ ବର୍ଷ ଭଲ ଫସଲ ହୋଇଥିବାରୁ ଚାଷୀଙ୍କ ମନରେ ଯେଉଁ ଆଶା ସଞ୍ଚାର ହୋଇଥିଲା,ତାହା ଏବେ ବାତ୍ୟା ଆଶଙ୍କାରେ ମଳିନ ପଡ଼ିବାକୁ ବସିଛି । ବାତ୍ୟା ପ୍ରଭାବରେ ବର୍ଷା କମ ହେଲେ ଧାନ ଫସଲ ଅମଳ ଉପରେ ବିଶେଷ ପ୍ରଭାବ ପଡ଼ିନପାରେ, ମାତ୍ର ପ୍ରବଳ ବର୍ଷା ସହ ପବନ ହେଲେ ପାଚିଲା ଧାନ କ୍ଷେତରେ ବ୍ୟାପକ କ୍ଷତି ହେବାର ଆଶଙ୍କା ରହିଛି। ଧାନ ଗଛ ଭୂମିରେ ଶୋଇପଡ଼ିବା,ସେଥିରେ ପାଣି ଜମିବା ଓ ଅମଳ ପାଇଁ ପ୍ରସ୍ତୁତ ଧାନ ଚାଷୀଙ୍କୁ ଘାରିଛି । ଫସଲ ନଷ୍ଟ ହେବାର ଭୟ ଚାଷୀ ସହ ସ୍ଥାନୀୟ କୃଷି ବିଭାଗ ଓ ପ୍ରଶାସନର ଦାୟିତ୍ୱ ମଧ୍ୟ ବଢ଼ିଯାଇଛି । ଚାଷୀମାନେ ଛୋଟ ବାହାଲି ଜମିର ଧାନ କାଟି ଅମଳ କରି ଆଣୁଥିବା ବେଳେ ବାହାଲ ଜମିର ଫସଲ ଏବେ ଲହଡି ମାରୁଛି । ବାତ୍ୟା ଓ ବର୍ଷା ଯୋଗୁଁ ଚାଷୀମାନେ ପାଚିଲା ଧାନ କେଉଁଠି ରଖିବେ ଓ ଅନ୍ୟ ଧାନ କେମିତି ଅମଳ କରିବେ ସେହି ଚିନ୍ତାରେ ପଡିଛନ୍ତି । ପୂର୍ବରୁ ବାତ୍ୟା ଅର୍ଣ୍ଣବରେ ବ୍ଲକ ଅଞ୍ଚଳର ଚାଷୀଙ୍କୁ କୌଣସି ସରକାରୀ ସହାୟତା ମିଳିନଥିବା ବେଳେ ଏବେ ପୁଣି ବାତ୍ୟା ଅକଓ୍ୱାନରେ ଯଦି ଫସଲ କ୍ଷୟକ୍ଷତି ହୁଏ ତାହେଲେ ପୁଣି ସହାୟତା ମିଳିନପାରେ ବୋଲି ଚାଷୀ ଆଶଙ୍କାରେ ଅଛନ୍ତି । ବାତ୍ୟା ପ୍ରଭାବରେ ଜାରି ରହିଥିବା ବର୍ଷା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଲେ ଚାଷୀର ମେରୁଦଣ୍ଡ ଭାଙ୍ଗି ଯିବ ବୋଲି ଚାଷୀମାନେ ଗଭୀର ଚିନ୍ତାରେ ପଡ଼ିଯାଇଛନ୍ତି ।

ବାଇକ୍ ଚୋରି ମାମଲାରେ ୨ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ପୋଲିସ ଏକ ବାଇକ ଚୋରି ମାମଲାରେ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଚୋରି ବାଇକ ଜବତ ହୋଇଛି । ଏନେଇ ୨୪୭/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ହୀରାକୁଦ ଥାନା ବୁଢାକଣ୍ଢା ଗ୍ରାମର ଅଜୟ ବାଗଙ୍କ ବାଇକ୍ ଗାଡି ନମ୍ବର (ଓଡି୧୫ଏଫ୍- ୦୦୫୪) ଚୋରି ହୋଇଥିବା ଗତ ୧୭ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ରେଙ୍ଗାଲି ଥାନା ଜାମବାହାଲ ଗ୍ରାମର ଦୀପକ ଓରାମ(୨୦)ଙ୍କୁ ଗିରଫ କରିଛି । ଏଥିସହ ଚୋରିରେ ସଂପୃକ୍ତ ଥିବା ରେଙ୍ଗାଲି ମହୁଲପାଲିର ଜଣେ ନାବାଳକକୁ କିଶୋର ନ୍ୟାୟ ବୋର୍ଡରେ ହାଜର କରିଛି ।

ଜୟ ନାରାୟଣଙ୍କ ହ୍ୱିସିଲ ପଲିଟିକ୍ସକୁ ରୋହିତଙ୍କ ଚ୍ୟାଲେଞ୍ଜ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା। ଖଣ୍ଡା ସ

ସମ୍ପାଦକୀୟ

ବିଧାନସଭାରେ ଶୋକ ପ୍ରସ୍ତାବ, ବିଶିଷ୍ଟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରାଯାଉ

ବିଧାନସଭାର ଅଧିବେଶନ ଆରମ୍ଭ ପୂର୍ବରୁ ଶୋକପ୍ରସ୍ତାବ ଆଗତ କରାଯାଇ ଦିବଂଗତ ଗୃହର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଉପରେ ବାଚସ୍ପତିଙ୍କସମେତ ଗୃହର ନେତା ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ନେତା ତଥା ବିଭିନ୍ନ ରାଜନୈତିକ ଦଳର ଦଳପତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସୁଯୋଗ ଦିଆଯାଇଥାଏ। ପରବର୍ତ୍ତୀ କାଳରେ ଦେଶର ସୀମାନ୍ତ ଅଞ୍ଚଳରେ ଥିବା ସୁରକ୍ଷାକର୍ମୀ କର୍ତ୍ତବ୍ୟ ପାଳନ କରିବା ସମୟରେ ନିହତ ହେଲେ ସେମାନଙ୍କ ପାଇଁ ମଧ୍ୟ ଶୋକ ପ୍ରସ୍ତାବ ବିଧାନସଭାରେ ଆଗତ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଆସୁଛି। ଏହା ଏକ ଉତ୍ତମ ପରମ୍ପରା। ପ୍ରାକୃତିକ ବିପର୍ଯ୍ୟୟ 'ଅର୍ଣ୍ଣବ' ବାତ୍ୟାବେଳେ ଗଞ୍ଜାମ ଜିଲ୍ଲାରେ ଭୂସ୍ଖଳନରେ ଦଶ ଜଣ ପ୍ରାଣ ହରାଇଥିବାରୁ ସେମାନଙ୍କ ପାଇଁ ଶୋକପ୍ରସ୍ତାବ ବିଧାନସଭାରେ ଅଣାଯିବା ମଧ୍ୟ ନୂଆ କଥା। ଅବଶ୍ୟ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିୟୋଗ ପରେ ବିଧାନସଭାର ଅଧିବେଶନ ଏକାଧିକ ଥର ହୋଇଥିଲେ ମଧ୍ୟ ଆରମ୍ଭରୁ ସେମାନଙ୍କ ପାଇଁ ଶୋକପ୍ରସ୍ତାବ ପ୍ରାୟ ବିଧାନସଭାରେ ଆଗତ ହୋଇ ନଥିଲା। ଅଥଚ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ବିଧାନସଭାକୁ ନିର୍ବାଚିତ ହୋଇ ବିଧାୟକ ବା ବିଧାୟିକା ଥିଲେ, ସେମାନଙ୍କ ପାଇଁ ଶୋକପ୍ରସ୍ତାବମାନ ଅତୀତରେ ବିଧାନସଭାରେ ଆଗତ କରାଯାଇଛି। କେବଳ ସ୍ୱାଧୀନତା ସଂଗ୍ରାମୀ ବା ଶହୀଦ ହୋଇ କେହି ମୃତ୍ୟୁବରଣ କଲେ, ସେମାନଙ୍କ ପାଇଁ ଅତୀତରେ ବିଧାନସଭାରେ ଶୋକପ୍ରସ୍ତାବ ଆଗତ କରାଯାଇ ନଥିଲା। ଏହାକୁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ପରମ୍ପରା ବୋଲି କୁହାଯାଇ ପାରିବ। ଏବେ ତ ଆମ ରାଜ୍ୟରେ ସ୍ୱାଧୀନତା ସଂଗ୍ରାମୀ ପ୍ରାୟ କେହି ନାହାନ୍ତି। ସ୍ୱାଧୀନତା ଆନ୍ଦୋଳନ ବେଳେ ଶହୀଦ ହୋଇଥିବା ବ୍ୟକ୍ତିଙ୍କ ଲାଗି କିମ୍ବା ସ୍ୱାଧୀନତା ସଂଗ୍ରାମୀଙ୍କ ଲାଗି ବିଧାନସଭାରେ ଶୋକପ୍ରସ୍ତାବ କେବେ ଆଗତ ହୋଇଥିବା କଥା ମନେ ପଡୁନାହିଁ। ନେତାଜୀଙ୍କ ଆଜାଦ ହିନ୍ଦ ଫଉଜରେ ଥିବା ମୁକ୍ତି ସଂଗ୍ରାମୀମାନଙ୍କ ପାଇଁ ମଧ୍ୟ ଆମ ବିଧାନସଭାରେ ଶୋକପ୍ରସ୍ତାବ ଆଗତ ହୋଇଥିବା କଥା ଆମକୁ ଜଣାନାହିଁ।

> **ସରକାରଙ୍କର ପତନ ଘଟିଲେ କିମ୍ବା ବିଧାନସଭା ଭଙ୍ଗ ହେଲେ, ମୁଖ୍ୟମନ୍ତ୍ରୀ ପୂର୍ବତନ ମୁଖ୍ୟମନ୍ତ୍ରୀ ହୋଇଯାଆନ୍ତି। ମନ୍ତ୍ରିମାନେ ମଧ୍ୟ ପୂର୍ବତନ ମନ୍ତ୍ରୀ ଆଉ ବିଧାୟକମାନେ ପୂର୍ବତନ ବିଧାୟକ ହୋଇଥା'ନ୍ତି। ମାତ୍ର ସେତେବେଳେ ବାଚସ୍ପତି ଆଉ ପୂର୍ବତନ ବାଚସ୍ପତି ହୁଅନ୍ତି ନାହିଁ, ଆଉ ଜଣେ ନୂଆ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ। ତେଣୁ ବାଚସ୍ପତିଙ୍କ ଆସନ ଖାଲି ପଡ଼େ ନାହିଁ। ପଣ୍ଡିତ ନୀଳକଣ୍ଠ ଦାସଙ୍କ ଏହି ପରମ୍ପରା ଏବେ ମଧ୍ୟ ଚାଲିଆସିଛି - ଓଡ଼ିଶାରେ କେବଳ ନୁହେଁ, ସାରା ଭାରତରେ।**

ଅତୀତରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଶୋକପ୍ରସ୍ତାବ ବିଧାନସଭାରେ ଆଗତ ହୋଇଆସୁଥିଲା। ସେହି ପରମ୍ପରାର ଅନୁସରଣ କରି ଏବେ ମଧ୍ୟ ରାଜ୍ୟ ସରକାରୀ ପଦପଦବୀରେ ଥିବା ବା ନଥିବା ବିଶିଷ୍ଟ ଲେଖକ, କଳାକାର, ଶିଳ୍ପୀ ତଥା ଖେଳାଳି ପ୍ରଭୃତିଙ୍କ ବିୟୋଗରେ ବିଧାନସଭାରେ ଶୋକପ୍ରସ୍ତାବ ଆଗତ କରାଗଲେ, ବିଧାନସଭାର ମର୍ଯ୍ୟାଦା ବୃଦ୍ଧି ପାଇ ପାରନ୍ତା। ଯଦିଓ ଓଡ଼ିଶା ବିଧାନସଭା ତାହାର ସ୍ୱାତନ୍ତ୍ର୍ୟ ରକ୍ଷା କରିଆସିଛି, ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଅଞ୍ଚଳର ବିଧାୟକମାନଙ୍କର କର୍ତ୍ତବ୍ୟ ହେବା ଉଚିତ୍ ଯେ ନିଜ ନିଜ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗାରୋହଣ କଲେ, ବିଧାନସଭାର ପରବର୍ତ୍ତୀ ଅଧିବେଶନ ଆରମ୍ଭରୁ ସେମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯିବା ଲାଗି ଉଦ୍ୟମ କରିବା। ତଦ୍ଦ୍ୱାରା ସେମାନଙ୍କର ମର୍ଯ୍ୟାଦା ମଧ୍ୟ ବୃଦ୍ଧି ପାଇବ।

ସ୍ୱର୍ଗୀୟ ହରେକୃଷ୍ଣ ମହତାବଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଧାନସଭା ଗୃହ ବିଭାଗ ଅଧୀନରେ ଥିଲା। ମାତ୍ର ତତ୍କାଳୀନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସ ବିଧାନସଭାର ସ୍ୱତନ୍ତ୍ର ମର୍ଯ୍ୟାଦାରକ୍ଷା ପାଇଁ ଉଦ୍ୟମ କରିବାରୁ ଏହା ଆଉ ଗୃହ ବିଭାଗ ଅଧୀନରେ ନରହି ଏକ ସ୍ୱୟଂଶାସିତ ସଂସ୍ଥାରେ ପରିଣତ ହୋଇଥିଲା। ଅଥଚ ପ୍ରଶାସନିକ ଓ ଆର୍ଥିକ ସୁବିଧା ଦୃଷ୍ଟିରୁ ବିଧାନସଭାକୁ ସଂସଦୀୟ ବ୍ୟାପାର ବିଭାଗ ଅଧୀନରେ ରଖାଯାଇଛି। ବିଧାନସଭା ଅଧିବେଶନ ସମୟରେ ଗୃହର ନେତା ଭାବେ ଯଦିଓ ମୁଖ୍ୟମନ୍ତ୍ରୀଙ୍କୁ ମର୍ଯ୍ୟାଦା ଦିଆଯାଏ, ତାଙ୍କ ତଳକୁ ମଧ୍ୟ ବିରୋଧୀ ଦଳର ନେତାକୁ ସେହିପରି ମର୍ଯ୍ୟାଦା ଦିଆଯାଇଥାଏ, ଯଦିଓ ବିଧାନସଭାର ସମସ୍ତ କାର୍ଯ୍ୟ ବାଚସ୍ପତିଙ୍କ ପରାମର୍ଶ ଅନୁଯାୟୀ ଚାଲିଥାଏ।

ସରକାରଙ୍କର ପତନ ଘଟିଲେ କିମ୍ବା ବିଧାନସଭା ଭଙ୍ଗ ହେଲେ, ମୁଖ୍ୟମନ୍ତ୍ରୀ ପୂର୍ବତନ ମୁଖ୍ୟମନ୍ତ୍ରୀ ହୋଇଯାଆନ୍ତି। ମନ୍ତ୍ରିମାନେ ମଧ୍ୟ ପୂର୍ବତନ ମନ୍ତ୍ରୀ ଆଉ ବିଧାୟକମାନେ ପୂର୍ବତନ ବିଧାୟକ ହୋଇଥା'ନ୍ତି। ମାତ୍ର ସେତେବେଳେ ବାଚସ୍ପତି ଆଉ ପୂର୍ବତନ ବାଚସ୍ପତି ହୁଅନ୍ତି ନାହିଁ, ଆଉ ଜଣେ ନୂଆ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ। ତେଣୁ ବାଚସ୍ପତିଙ୍କ ଆସନ ଖାଲି ପଡ଼େ ନାହିଁ। ପଣ୍ଡିତ ନୀଳକଣ୍ଠ ଦାସଙ୍କ ଏହି ପରମ୍ପରା ଏବେ ମଧ୍ୟ ଚାଲିଆସିଛି - ଓଡ଼ିଶାରେ କେବଳ ନୁହେଁ, ସାରା ଭାରତରେ। ବିଧାନସଭା ଗୃହରେ ଅଧ୍ୟକ୍ଷତା କରୁଥିବା ବ୍ୟକ୍ତିଙ୍କୁ 'ଅଧ୍ୟକ୍ଷ' ବୋଲି ନକହି 'ବାଚସ୍ପତି' ବୋଲି ସମ୍ବୋଧନ କରିବାକୁ ଏକ କମିଟିରେ ନିତ୍ୟାନନ୍ଦ ମହାପାତ୍ର (ପୂର୍ବତନ ବିଧାୟକ ଓ ମନ୍ତ୍ରୀ) ଯେଉଁ ପ୍ରସ୍ତାବ ଦେଇଥିଲେ, ତାହା ମଧ୍ୟ କେବଳ ରାଜ୍ୟରେ ନୁହେଁ, ସାରା ଭାରତର ବିଭିନ୍ନ ରାଜ୍ୟରେ ଅନୁସରିତ ହୋଇଛି। ବିଶିଷ୍ଟ ବ୍ୟକ୍ତିମାନଙ୍କ ବିୟୋଗରେ ଓଡ଼ିଶା ବିଧାନସଭାରେ ଶୋକପ୍ରସ୍ତାବମାନ ଆଗତ କରାଯାଇ ଏକ ନୂତନ ପରମ୍ପରା ସୃଷ୍ଟି କରାଯାଉ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏ ଦିଗରେ ଉଦ୍ୟମ ଜାରି ରଖିବେ ବୋଲି ଆମେମାନେ ଆଶା କରୁଛୁଁ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ। (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ।
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ସମୟ ସାଗର ତୀରେ



ନିମାଇଁ ପଟ୍ଟନାୟକ

ପୃଥିବୀ ବିଶ୍ୱ ବ୍ରହ୍ମାଣ୍ଡର ଏକ ଅର୍ଥପୂର୍ଣ୍ଣ କେନ୍ଦ୍ର ବୋଲି ବହୁ ରହସ୍ୟବାଦୀ ଦାର୍ଶନିକମାନେ ମତପୋଷଣ କରିଥାନ୍ତି। କାରଣ ଈଶ୍ୱର ନିଜ ସହ ଖେଳ ଖେଳିବା ପାଇଁ ଏହି ପୃଥିବୀକୁ ତିଆରି କରି ନିଜେ ସେଥିରେ ଅବତୀର୍ଣ୍ଣ ହୋଇଥାନ୍ତି ବୋଲି ଏଯାବତ ମଣିଷର ଧାରଣା। ଅବଶ୍ୟ ବିବର୍ତ୍ତନ ହିଁ ପୃଥିବୀରେ ଈଶ୍ୱରଙ୍କ ଶ୍ରେଷ୍ଠ ଅବଦାନ ବୋଲି ବହୁଭାବରେ କୁହାଯାଇଛି। ପଶୁ ଜଗତରୁ ବିବର୍ତ୍ତିତ ହୋଇ ଆସିଛି ଆଜିର ଆଧୁନିକ ସଭ୍ୟ ମଣିଷ। ପ୍ରକୃତି-ସୃଷ୍ଟ ମଣିଷ ସେହି ପ୍ରକୃତି ସହ ସଦା ସଂଘର୍ଷରତ। ପୁଣି ସେହି ସଂଘର୍ଷରୁ ସେ ଶିଖିଛି ପ୍ରକୃତି ସହ ଅପୂର୍ବ ସମନ୍ୱୟର ଜୀବନଶୈଳୀ। ସଭ୍ୟତାର ଉଷାକାଳରୁ ସର୍ବପ୍ରାଚୀନ ପୁସ୍ତକ ରୂପେ ବିବେଚିତ 'ବେଦ'ର "ତମସୋ ମା ଜ୍ୟୋତିର୍ଗମୟ", "ବନସ୍ପତୟେ ନମଃ", "ସଂଗଚ୍ଛଧ୍ୱଂ..ସଂ ବଦଧ୍ୱମ..", " ଆପ୍ ଶାନ୍ତି, ଅଗ୍ନିଶାନ୍ତି" ପରି ପବିତ୍ର ଉଚ୍ଚାରଣମାନ ପ୍ରକୃତି ସହ ସମତା ଓ ସମନ୍ୱୟର ଜୀବନ ବଂଚିବା ପାଇଁ ମଣିଷକୁ ସଂକେତ ପ୍ରଦାନ କରେ।

ଶାନ୍ତି, ମୈତ୍ରୀ, ପ୍ରଗତି, ପ୍ରେମ ଓ ଆନନ୍ଦ ଆଧାରିତ ସାମାଜିକ ଜୀବନ ପୃଥିବୀରେ ମାନବ ସଭ୍ୟତାର ମୂଳଭିତ୍ତି। ମଣିଷ ଏକ ସାମାଜିକ ଜୀବନ ବଂଚିବା ଦିନରୁ ସୁଖ, ଶାନ୍ତି ଓ ଆନନ୍ଦର ଏକ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସଦା ଉଦ୍ୟମରତ। ସେଥିପାଇଁ କବି ଗାଇଉଠନ୍ତି - 'ମରିତେ ଚାଇନା ଆମି ଏଇ ସୁନ୍ଦର ଭୁବନେ' ଏବଂ 'ବିଶ୍ୱ ମଧୁମୟ ଦେଖରେ ଜୀବନ ବିଶ୍ୱ ଦେଖ ମଧୁମୟ'।

ଅବଶ୍ୟ ସମୟ ସ୍ରୋତରେ ସୁଖ ବା ସୁଖୀ ମଣିଷର ସଂଜ୍ଞା କ୍ରମଶଃ ବଦଳି ଆସିଛି। ଏକ ସୁସ୍ଥ ମନ, ପ୍ରାଣ ଓ ଶରୀର ନେଇ ଜୀବନ ବଞ୍ଚିବା ବ୍ୟକ୍ତିର ସର୍ବକାଳୀନ ଆବଶ୍ୟକତା। ସୁସ୍ଥ ଶରୀରରେ ପ୍ରଚୁର ପ୍ରାଣ ଶକ୍ତି ଓ ମୁକ୍ତ ମନରେ ନବୀନ ଚେତନାର ଉନ୍ମେଷ ମାନବ ସଭ୍ୟତାର ଚରମ ଓ ପରମ ଲକ୍ଷ୍ୟ। ମଣିଷ କ'ଣ ଏଯାବତ ସେପରି ଜୀବନ ବଞ୍ଚି ପାରିଛି?
"MAN IS BORN FREE BUT EVERY WHERE HE IS IN CHAINS."

ମନୀଷୀ ରୁଷୋଙ୍କର ଏହି ଆପ୍ତ ବାକ୍ୟର ପ୍ରଚଣ୍ଡ ପ୍ରଭାବ ଆଜିର ଉପଭୋକ୍ତାବାଦ କବଳିତ ବିଶ୍ୱ ପାଇଁ ଯେପରି ପ୍ରେରଣାଦାୟୀ। ମଣିଷ ସାଜିଛି ଆଜି ମଣିଷର ଶତ୍ରୁ। ଏକ ବିକଶିତ ରାଷ୍ଟ୍ରର ମଣିଷମାନେ ଜାଲପାତି ବସିଛନ୍ତି ସଂଘର୍ଷରତ କ୍ଷୁଦ୍ରରାଷ୍ଟ୍ରଗୁଡ଼ିକର ସାମାଜିକ, ଆର୍ଥିକ, ରାଜନୈତିକ ଓ ସର୍ବୋପରି ସାଂସ୍କୃତିକ ଜୀବନକୁ କବଳିତ କରିବାପାଇଁ। ଧର୍ମ, ଜାତି, ବର୍ଣ୍ଣ ଓ ଗୋଷ୍ଠୀରେ ବିଭକ୍ତ ମଣିଷ ସମାଜ, ପାରସ୍ପରିକ ସାହାଯ୍ୟ,ସହଯୋଗ, ଶ୍ରଦ୍ଧା, ବିଶ୍ୱାସ, ଭଲପାଇବା ଉପରେ ନିର୍ଭର କରୁ। ଭୋଗ ପ୍ରବୃତ୍ତି ଜଡ଼ିତ ମଣିଷମାନେ ପ୍ରକୃତିକୁ ବିକଳାଙ୍ଗ କରିବାରେ ଲାଗିପଡିଛନ୍ତି।

ମଣିଷ ଜାତିର ଭବିଷ୍ୟତ ଆଜି ସଂକଟର କାଠଗଡ଼ାରେ। ବିଗତ କରୋନା ସଙ୍କଟ ଆଜି ବହୁ ପ୍ରଶ୍ନର ଉତ୍ତର ଖୋଜେ। କରୋନା ଭୁତାଣୁ ମନୁଷ୍ୟଦ୍ୱାରା ସୃଷ୍ଟ କି? ଯଦି ହଁ ତେବେ, କେଉଁ ଚେତନା ଦ୍ୱାରା ଏହା ପ୍ରଚୋଦିତ? ଅନ୍ୟର ମୁଣ୍ଡଟି କାଟି ନିଜକୁ ଡେଙ୍ଗା ବୋଲାଇବାର କି ଜଘନ୍ୟ ଅମାନବୀୟ ପ୍ରୟାସ ସତେ!! କରୋନା ଯଦି ପ୍ରାକୃତିକ ଭୁତାଣୁ ତେବେ ଆଜିର ବିଜ୍ଞାନୀ ମଣିଷ କେତେ ଅସହାୟ ସତେ ପ୍ରକୃତି ନିକଟରେ! ତେଣୁ ପ୍ରକୃତି ଓ ପରିବେଶ ଅନୁକୂଳ ଜୀବନ ବଞ୍ଚିଲେ ହିଁ ପ୍ରକୃତରେ ସୁଖୀ ଜୀବନ ବଞ୍ଚି ପାରିବ ମଣିଷ। ବିଳାସ ଓ ଭୋଗର ପରିସୀମା ଅସୀମ, ଅମାପ ଓ ଅଥଳ। ଏଥିରେ ଥାଏ ଉତ୍ତେଜନା ଓ ମନର ଲଗାମହୀନ ପ୍ରବୃତ୍ତି।

ତେଣୁ ବୈଦିକ ଋଷିଙ୍କ ଆପ୍ତ ବାକ୍ୟ 'ସରଳ ଜୀବନ, ଉଚ୍ଚ ଚିନ୍ତନ'ରେ ହିଁ ସୁଖୀ ଜୀବନ ବଞ୍ଚିବାର ଚାବିକାଠି। 'ମିତ୍ରସ୍ୟ ଚକ୍ଷୁସା','ବସୁଧା- ଇବ-କଟୁମ୍ବ -କମ"। ମିତ୍ର ଧ୍ୱଂସର ଏ କରାଳ ସ୍ରୋତରୁ ବଂଚିବା ପାଇଁ ମଣିଷ କଣ ସତରେ ଆଜି ସର୍ବଦା ପ୍ରୟାସ କରୁଛି? ଭସ୍ମାସୁର ପରି ନିଜ ଉପରେ ଜ୍ଞାନ ଆଉ ଅହଂର ହାତବୁଲାଇ ନିଜକୁ ଧ୍ୱଂସ ମୁଖକୁ ଠେଲି ଦେଉନିତ ଅମୃତର ସନ୍ତାନ ବୋଲାଉଥିବା ଆଜିର ଆଧୁନିକ ମଣିଷ"!

ବ୍ୟକ୍ତି ବଦଳିଲେ ବଦଳି ଯିବ ବିଶ୍ୱ। ଏବେ ସିଂହାବଲୋକନ କରୁଛି ମଣିଷର ଚେତନା। ପଶୁତ୍ୱର ଛିଟା ଏବେ ବି ସକ୍ରିୟ ମନ, ପ୍ରାଣ, ଶରୀରର ପ୍ରତିଟି କୋଷରେ। ଲୋଭ, କ୍ରୋଧ, କାମ, ହିଂସା ଓ ଅଜଗର ପରି ଅନ୍ୟକୁ ଗ୍ରାସ କରିବର ଦୁର୍ବାର ପ୍ରବୃତ୍ତି, ସ୍ୱାର୍ଥାନ୍ୱେଷୀ ପଶୁ-ମଣିଷ ଭିତରେ କୁଣ୍ଡଳି କାଟି ଲୁଚି ରହିଛି। ସେଥିରୁ ମୁକୁଳି ଆସିବାକୁ ହେଲେ ଲୋଡ଼ା ଏକ ପ୍ରଚଣ୍ଡ ପ୍ରୟାସ। ଆନ୍ତରିକ, ଆଧାତ୍ମିକ ମାନବ ଜୀବନ ହିଁ ଏକମାତ୍ର ପଥ।

> **ଏବେ କ୍ରମଶଃ ବଦଳି ଯାଉଛି ପୃଥିବୀର ଦୃଶ୍ୟପଟ। ସବୁ ରାଷ୍ଟ୍ର ଏକାଠି ହୋଇ ବିଶ୍ୱ-ଭ୍ରାତୃତ୍ୱର ସ୍ୱପ୍ନକୁ ସାକାର କରିବାର ଅଭିନବ ଉଦ୍ୟମର ପ୍ରଥମ ଶଙ୍ଖନାଦ ଶୁଭିଲାଣି ଭାରତରେ। ଅତଏବ ବିଶ୍ୱ ପରିବର୍ତ୍ତନର ପ୍ରକ୍ରିୟା ନିମିତ୍ତ ଭାରତ ହିଁ ନେଉ ନେତୃତ୍ୱ। ଆଉ ଏହି ଭାରତବର୍ଷରେ ପ୍ରତ୍ୟେକ ମଣିଷଠାରୁ ଆରମ୍ଭ ହେଉ ଏହି ପରିବର୍ତ୍ତନର ଯାତ୍ରା। ମୁଁ, ବ୍ୟକ୍ତିଟିଏ, ବଦଳି ଯାଇ ବିଶ୍ୱକୁ ବଦଳିବାରେ ସାହାଯ୍ୟ କରିବି। ସତ୍ୟର ଜୀବନ ବଞ୍ଚିବି। ମୋର ଧ୍ୟେୟ ହେଉ 'ସରଳ ଜୀବନ ଓ ଉଚ୍ଚ ଚିନ୍ତନ'।**

ବହୁ ପ୍ରଶ୍ନର ଉତ୍ତର ଖୋଜେ। କରୋନା ଭୁତାଣୁ ମନୁଷ୍ୟଦ୍ୱାରା ସୃଷ୍ଟ କି? ଯଦି ହଁ ତେବେ, କେଉଁ ଚେତନା ଦ୍ୱାରା ଏହା ପ୍ରଚୋଦିତ? ଅନ୍ୟର ମୁଣ୍ଡଟି କାଟି ନିଜକୁ ଡେଙ୍ଗା ବୋଲାଇବାର କି ଜଘନ୍ୟ ଅମାନବୀୟ ପ୍ରୟାସ ସତେ!! କରୋନା ଯଦି ପ୍ରାକୃତିକ ଭୁତାଣୁ ତେବେ ଆଜିର ବିଜ୍ଞାନୀ ମଣିଷ କେତେ ଅସହାୟ ସତେ ପ୍ରକୃତି ନିକଟରେ! ତେଣୁ ପ୍ରକୃତି ଓ ପରିବେଶ ଅନୁକୂଳ ଜୀବନ ବଞ୍ଚିଲେ ହିଁ ପ୍ରକୃତରେ ସୁଖୀ ଜୀବନ ବଞ୍ଚି ପାରିବ ମଣିଷ। ବିଳାସ ଓ ଭୋଗର ପରିସୀମା ଅସୀମ, ଅମାପ ଓ ଅଥଳ। ଏଥିରେ ଥାଏ ଉତ୍ତେଜନା ଓ ମନର ଲଗାମହୀନ ପ୍ରବୃତ୍ତି।

ତେଣୁ ବୈଦିକ ଋଷିଙ୍କ ଆପ୍ତ ବାକ୍ୟ 'ସରଳ ଜୀବନ, ଉଚ୍ଚ ଚିନ୍ତନ'ରେ ହିଁ ସୁଖୀ ଜୀବନ ବଞ୍ଚିବାର ଚାବିକାଠି। 'ମିତ୍ରସ୍ୟ ଚକ୍ଷୁସା','ବସୁଧା- ଇବ-କଟୁମ୍ବ -କମ"। ମିତ୍ର ଧ୍ୱଂସର ଏ କରାଳ ସ୍ରୋତରୁ ବଂଚିବା ପାଇଁ ମଣିଷ କଣ ସତରେ ଆଜି ସର୍ବଦା ପ୍ରୟାସ କରୁଛି? ଭସ୍ମାସୁର ପରି ନିଜ ଉପରେ ଜ୍ଞାନ ଆଉ ଅହଂର ହାତବୁଲାଇ ନିଜକୁ ଧ୍ୱଂସ ମୁଖକୁ ଠେଲି ଦେଉନିତ ଅମୃତର ସନ୍ତାନ ବୋଲାଉଥିବା ଆଜିର ଆଧୁନିକ ମଣିଷ"!

ବ୍ୟକ୍ତି ବଦଳିଲେ ବଦଳି ଯିବ ବିଶ୍ୱ। ଏବେ ସିଂହାବଲୋକନ କରୁଛି ମଣିଷର ଚେତନା। ପଶୁତ୍ୱର ଛିଟା ଏବେ ବି ସକ୍ରିୟ ମନ, ପ୍ରାଣ, ଶରୀରର ପ୍ରତିଟି କୋଷରେ। ଲୋଭ, କ୍ରୋଧ, କାମ, ହିଂସା ଓ ଅଜଗର ପରି ଅନ୍ୟକୁ ଗ୍ରାସ କରିବର ଦୁର୍ବାର ପ୍ରବୃତ୍ତି, ସ୍ୱାର୍ଥାନ୍ୱେଷୀ ପଶୁ-ମଣିଷ ଭିତରେ କୁଣ୍ଡଳି କାଟି ଲୁଚି ରହିଛି। ସେଥିରୁ ମୁକୁଳି ଆସିବାକୁ ହେଲେ ଲୋଡ଼ା ଏକ ପ୍ରଚଣ୍ଡ ପ୍ରୟାସ। ଆନ୍ତରିକ, ଆଧାତ୍ମିକ ମାନବ ଜୀବନ ହିଁ ଏକମାତ୍ର ପଥ।

ଆଜି ବିବର୍ତ୍ତନର ଶେଷ ପାହାଚରେ ମନୁଷ୍ୟର ଚେତନା। ପଶୁତ୍ୱ ଓ ଦେବତ୍ୱର ସଂଘର୍ଷ ମାନବ ଅନ୍ତଃଚେତନାର ପ୍ରତିଟି ସତ୍ତାରେ। ଦ୍ୱନ୍ଦ୍ୱର ଏହି କୁରୁକ୍ଷେତ୍ରରେ ମନୁଷ୍ୟର ବିଜୟ କିନ୍ତୁ ଅବଶ୍ୟମ୍ଭାବୀ। ଅନ୍ଧାରର ସୁଡ଼ଙ୍ଗ ଶେଷରେ ଆଲୋକ। କଳାମେଘ ଭିତରେ ଲୁଚିରହିଥାଏ ବିଜୁଳିର ଚମକ। ଗାଢତମ ଅନ୍ଧକାର ପରେ ହିଁ ଉଷାର ସୁବର୍ଣ୍ଣ ଝଲକ। ସବୁକାଳେ ଅପଶକ୍ତିର ଅଗ୍ରଦୂତମାନେ ପରୀକ୍ଷା କରନ୍ତି ମାନବ ଚେତନାକୁ। ଜୀବନର କଷଟି ପଥରରେ ମାନବ ଚେତନାର ଅଭିଯାତ୍ରା ଅବ୍ୟାହତ। ଆଲୋକ, ଅମୃତର ସ୍ୱର୍ଗ ପାଇଁ ସଦା ପ୍ରଧାବିତ।

ଏବେ କ୍ରମଶଃ ବଦଳି ଯାଉଛି ପୃଥିବୀର ଦୃଶ୍ୟପଟ। ସବୁ ରାଷ୍ଟ୍ର ଏକାଠି ହୋଇ ବିଶ୍ୱ-ଭ୍ରାତୃତ୍ୱର ସ୍ୱପ୍ନକୁ ସାକାର କରିବାର ଅଭିନବ ଉଦ୍ୟମର ପ୍ରଥମ ଶଙ୍ଖନାଦ ଶୁଭିଲାଣି ଭାରତରେ। ଅତଏବ ବିଶ୍ୱ ପରିବର୍ତ୍ତନର ପ୍ରକ୍ରିୟା ନିମିତ୍ତ ଭାରତ ହିଁ ନେଉ ନେତୃତ୍ୱ। ଆଉ ଏହି ଭାରତବର୍ଷରେ ପ୍ରତ୍ୟେକ ମଣିଷଠାରୁ ଆରମ୍ଭ ହେଉ ଏହି ପରିବର୍ତ୍ତନର ଯାତ୍ରା। ମୁଁ, ବ୍ୟକ୍ତିଟିଏ, ବଦଳି ଯାଇ ବିଶ୍ୱକୁ ବଦଳିବାରେ ସାହାଯ୍ୟ କରିବି। ସତ୍ୟର ଜୀବନ ବଞ୍ଚିବି। ମୋର ଧ୍ୟେୟ ହେଉ 'ସରଳ ଜୀବନ ଓ ଉଚ୍ଚ ଚିନ୍ତନ'। ପ୍ରକୃତି ଓ ପରିବେଶ ମୋର ମିତ୍ର। ମଣିଷ ମୋର ସାଥୀ। ପ୍ରେମ ମୋର ଧର୍ମ। ଜରା, ବ୍ୟାଧି, ମୃତ୍ୟୁରୁ ମୁଁ ଚାହେଁ ମୁକ୍ତି। ଆନନ୍ଦ ଓ ଆଲୋକରେ ପୂର୍ଣ୍ଣ ହେଉ ସବୁରି ଜୀବନ। ମର୍ତ୍ତ୍ୟ ମୋ ପାଲଟିଯାଉ ନନ୍ଦନକାନନ। କ୍ରମଶଃ ପଦାର୍ଥର ଅଣୁ ପରମାଣୁକୁ ଭାଙ୍ଗି ଆହୁରି କିଛି ଅନ୍ୱେଷଣରେ ଥିବା ମଣିଷ ଭିତରେ ପ୍ରଶ୍ନ ଟିଏ ଉଙ୍କିମାରୁଛି :
'GOD CREATED MAN IN HIS IMAGE'!! OR MAN CREATED GOD IN HIS OWN IMAGE.

ଏହି ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱକୁ ଯାଇ ଯେବେ ମଣିଷ ଦୃପ୍ତ କଣ୍ଠରେ ଘୋଷଣା କରିବ,"ମୁଁ ଈଶ୍ୱର ହୋଇ ଉଠିବି 'ସେବେଠାରୁ ପୃଥିବୀର ସମସ୍ତ ସମସ୍ୟାର ଅନ୍ତ ଘଟିବାର ଶୁଭାରମ୍ଭ ହେବ। ସମୟ ସାଗର ତୀରେ ସଦା ଆଗକୁ ବଢୁଥିବା ମଣିଷ ଆଖିର ଆକାଶରେ ମେଲିଯାଇଥିବା ଅନନ୍ତ ଦିଗନ୍ତରେ ଏହାହିଁ ସମୟର ଦାବି ଓ ବିଶ୍ୱମାନବର ଅନୁଚିନ୍ତା।

ଅବସର ପ୍ରାପ୍ତ ଅଧ୍ୟକ୍ଷ
**ଚାନ୍ଦବାଲି ମହାବିଦ୍ୟାଳୟ,ଚାନ୍ଦବ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୯୦ କିମି...

ଜାରି ହୋଇଛି । ଓଡିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ଅଛି । ଦକ୍ଷିଣ ଓଡିଶା ଉପକୂଳରେ କେବଳ ପବନର ବେଗ ଅଧିକ ରହିବ ବାକି ଜିଲ୍ଲାରେ ପବନର ପ୍ରଭାବ କମିବ । ଗୁରୁବାର ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ଗୁରୁବାରସକାଳ ସାଢେ ୮ ଟାରୁ ସନ୍ଧ୍ୟା ସାଢେ ୫ ସୁଦ୍ଧା ଗୋପାଳପୁରରେ ସର୍ବାଧିକ ୨୮ ମିମି ବର୍ଷା ହୋଇଥିବା ବେଳେ ଛତ୍ରପୁରରେ ୨୬ ମିମି, ସୋନପୁରରେ ୨୩ ମିମି , ପୁରୀରେ ୧୯ ମିମି, ପାରାଦ୍ୱୀପରେ ୨୧ ମିମି, ଭୁବନେଶ୍ୱରରେ ୨୦ ମିମି, କଟକରେ ୧୬ ମିମି, ଭୁବନେଶ୍ୱରରେ ୮ ମିମି, ଦାରିଙ୍ଗବାଡିରେ ୧୭ ମିମି ବର୍ଷା ରେକର୍ଡ କରାଯାଇଛି ।

ଶୁକ୍ରବାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ଭୀଷଣ ବର୍ଷା ଲାଗି ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ଏହା ସହ କେନ୍ଦୁଝର,ଭଦ୍ରକ, ଯାଜପୁର, ଢେଙ୍କାନାଳ,କେନ୍ଦ୍ରାପଡା,ଜଗତସିଂହପୁର,ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେଓଗଡ, ବରଗଡ, ନୂଆପଡା, ବଲାଙ୍ଗିର, ସୋନପୁର,ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ଲାଗି ୟୋଲୋ ୱାର୍ଣ୍ଣିଂ ଜାରି ହୋଇଛି । ସନ୍ଧ୍ୟା ପରଠାରୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇପାରେ ।

୬ ଜିଲ୍ଲାରେ...

ଏୟାରଟେଲ, ବିଏସଏନଏଲ, ରିଲାଏନ୍ସ, ଜିଓ, ଭୋଡାଫୋନ, ଆଇଡିଆରେ ଏହି ନେଟୱାର୍କ ଉପଲବ୍ଧ ହେବ । ୧୯ରୁ ୨୦ ତାରିଖ ଯାଏ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଛି ।

୩ ଲକ୍ଷରୁ...

ଅଙ୍ଗନବାଡ଼ି କର୍ମୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ନଭେମ୍ବର ୩୦ ସୁଦ୍ଧା ପ୍ରସବ ସମ୍ଭାବନା ଥିବା ଗର୍ଭବତୀ ମହିଳାଙ୍କୁ ଆଗୁଆ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

ଏଥିମଧ୍ୟରେ ଗଞ୍ଜାମ ଜିଲ୍ଲାର ୪୫ ହଜାର ୩୬୪ ଏବଂ ଗଜପତି ଜିଲ୍ଲାର ୧୮ ହଜାର ଲୋକ ଅଛନ୍ତି । ଗଜପତି ଓ କନ୍ଧମାଳ ଜିଲ୍ଲାର ଭୂସ୍ଖଳନପ୍ରବଣ ଅଞ୍ଚଳ ଏବଂ ପାହାଡ଼ ପାଦଦେଶରେ ଥିବା ଗ୍ରାମଗୁଡ଼ିକରୁ ମଧ୍ୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି ।

ବିପର୍ଯ୍ୟୟ ସମୟରେ ଯୋଗାଯୋଗ ବ୍ୟବସ୍ଥା ସଚଳ ରଖିବା ପାଇଁ ନେଟ୍ୱର୍କ ସମସ୍ୟା ଥିବା ଅଞ୍ଚଳରେ ଅତିରିକ୍ତ ସାଟେଲାଇଟ୍ ଫୋନ୍ ଏବଂ ମୋବାଇଲ୍ ଟାୱାର୍ ବ୍ୟବସ୍ଥା କରାଯାଇଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ୬୦ଟି ଓଡ୍ରାଫ୍ ଟିମ୍, ୧୪ଟି ଏନ୍‌ଡିଆର୍‌ଏଫ୍ ଟିମ୍ ଏବଂ ଅଗ୍ନିଶମ ବିଭାଗର ୨୨ଟି ଟିମ୍ ବିଭିନ୍ନ ଜିଲ୍ଲାରେ ମୁତୟନ ହୋଇଛନ୍ତି । ରାସ୍ତାରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହେଲେ ତାହାକୁ ହଟାଇବା ପାଇଁ ଓଏଫ୍‌ଡିସିର ୧୦୦ଟି ଟିମ୍ ନିୟୋଜିତ ହୋଇଛନ୍ତି ।

ଗୋପାଳପୁର, ପୁରୀ, ସାତପଡ଼ା ଓ ଚିଲିକା ସମେତ ସମସ୍ତ ସମୁଦ୍ରକୂଳକୁ ପର୍ଯ୍ୟଟକଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଛି । ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଫେରିଆସିଛନ୍ତି । କଳିଙ୍ଗା ଘାଟି ଓ ଗଜଲବାଡ଼ି ରାସ୍ତାରେ ଯାତାୟାତ ବନ୍ଦ କରାଯାଇଛି । ଆବଶ୍ୟକ ପଡ଼ିଲେ ହେଲିକପ୍ଟର ଓ କ୍ରେନ୍ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯିବାକୁ ମଧ୍ୟ ପ୍ରସ୍ତୁତି ରହିଛି । ସେହିପରି ରେଳ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗ ରଖାଯାଇଛି । କେତେକ ଟ୍ରେନ୍‌ର ଚଳାଚଳ ସମୟ ପରିବର୍ତ୍ତନ କରାଯାଇଥିବାବେଳେ ଆଉ କେତେକ ଟ୍ରେନ୍ ବାତିଲ କରାଯାଇଛି । ପ୍ରବଳ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଆଖିଆଗରେ ରଖି ଜଳ ନିଷ୍କାସନ ବ୍ୟବସ୍ଥା ସୁଦୃଢ଼ କରାଯାଇଛି । ଜଳସମ୍ପଦ ବିଭାଗ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ସହ ୨୪ ଘଣ୍ଟିଆ ନିରୀକ୍ଷଣ କରାଯାଉଛି । ନଦୀବନ୍ଧ ଓ ଜଳଭଣ୍ଡାର ନିକଟରେ ବରିଷ୍ଠ ଯନ୍ତ୍ରୀମାନଙ୍କୁ ମୁତୟନ କରାଯାଇଛି ।

ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ବାଲେଶ୍ୱର ଓ ମୟୂରଭଞ୍ଜ ସମେତ ରେଡ୍ ଓ ଅରେଞ୍ଜ ଆଲର୍ଟ ଜାରି ହୋଇଥିବା ଜିଲ୍ଲାଗୁଡ଼ିକରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଅଭିଜ୍ଞ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ନିୟୋଜିତ କରାଯାଇଛି । ସମସ୍ତ ଜିଲ୍ଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବା ସହ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । 'ଶୂନ୍ୟ ମୃତ୍ୟୁ' ରାଜ୍ୟ ସରକାରଙ୍କ ପ୍ରାଥମିକତା । ଏହି ଲକ୍ଷ୍ୟ ନେଇ ବାତ୍ୟା ମୁକାବିଲା ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି, ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରକାଶ କରିଛନ୍ତି ।

ଅକୱାନ...

ସହାୟତା ପାଇଁ ସ୍ୱତନ୍ତ୍ର ଟିମ ମଧ୍ୟ ନିୟୋଜିତ ଅଛନ୍ତି । ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି । ୨୦ରେ ପୁରୀ, ତାଳଚେର ମେମୁ, ବାଙ୍ଗ୍ରୀପୋଷୀ ଇଣ୍ଟରସିଟି ଏକ୍ସପ୍ରେସ, ଜଳେଶ୍ୱର-ପୁରୀ ମମୁ, ପୁରୀ-ଜଳେଶ୍ୱର ମେମୁ, ହାଓଡାପୁରୀ, ବନ୍ଦେ ଭାରତ, ଟାଟାନଗର-ବ୍ରହ୍ମପୁର ଭାରତ ଏକ୍ସପ୍ରେସ, ବ୍ରହ୍ମପୁର ଟାଟା ନଗର ବନ୍ଦେଭାରତ ଏକ୍ସପ୍ରେସ, ପୁରୀ-ଖୋର୍ଦ୍ଧା ମେମୁ, ପଲାସା ମେମୁ, ଭୁବନେଶ୍ୱର-ପଲାସ ମେମୁ ଆଦି ଟ୍ରେନ ଗୁଡିକୁ ବାତିଲ କରାଯାଇଥିବା ବେଳେ ୨୧ରେ ଯଶବନ୍ତପୁର-ପୁରୀ ଗରୀବ ରଥ ବାତିଲ ହୋଇଛି ।

ଶାନ୍ତି...

ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ ବୋଲି ମଧ୍ୟ ସେ କହିଥିଲେ । ଅନ୍ୟପକ୍ଷରେ ପୁଟିନ କହିଥିଲେ, ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ କିଭ୍ ଓ ୟୁରୋପ ଏପର୍ଯ୍ୟନ୍ତ ଆପୋସ ବୁଝାମଣା ପାଇଁ ପ୍ରସ୍ତୁତ ନୁହନ୍ତି । କ୍ରିମିଆକୁ ସଂଯୋଗ କରୁଥିବା ସେତୁ ଉପରେ ୟୁକ୍ରେନ୍‌ର ଆକ୍ରମଣର ଜବାବ ଆହୁରି କଠୋର ହେବ ବୋଲି ସେ ଚେତାବନୀ ଦେଇଥିଲେ । ଜିନପିଙ୍ଗ ଏହି ବୈଠକକୁ ସକାରାତ୍ମକ ଓ ଫଳପ୍ରଦ ବୋଲି ବର୍ଣ୍ଣନା କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତିନି ଦେଶର ମିଳିତ ସଂଘର୍ଷକୁ ସ୍ମରଣ କରି ସେ ଶାନ୍ତିର ମୂଲ୍ୟ ବୁଝିବାକୁ ଆହ୍ୱାନ ଦେଇଥିଲେ ।

ଡିଜିପି...

ଶ୍ରୀ ମିଶ୍ର ୬୦ ବର୍ଷରେ ପହଞ୍ଚୁଥିବାରୁ ଅବସର ଗ୍ରହଣ କରିବେ । ରାଜ୍ୟରେ ସ୍ଥାୟୀ ଡିଜିପି ନିଯୁକ୍ତି ନେଇ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଶ୍ରୀ ମିଶ୍ରଙ୍କ କାର୍ଯ୍ୟକାଳ ଆଉ ୩ ମାସ ବୃଦ୍ଧି ହେଉଥିବା ଚର୍ଚ୍ଚାରେ ଅନ୍ତ ଘଟିଛି । ତାଙ୍କ ଅବସରକୁ ଗୃହ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି । ଡିଜିପି ୱାଇବି ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଚାକିରିରୁ ଅବସର ନେଲା ପରେ ଶ୍ରୀ ମିଶ୍ରଙ୍କୁ ଅନ୍ତରାଣ ଡିଜି ଭାବେ ନିଯୁକ୍ତି ଦିଆଯାଇଥିଲା । ରାଜ୍ୟ ଡିଜିପି ନିଯୁକ୍ତି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି । ତେଣୁ ସ୍ଥାୟୀ ଡିଜିପି ନିଯୁକ୍ତି ହୋଇପାରୁନାହାନ୍ତି । ଶ୍ରୀ ଖୁରାନିଆଙ୍କ ଅବସର ପରେ କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ ।

ସମନ...

ବିକ୍ରମ ଯାଦବ, ନିଖିଲ ଗୁପ୍ତା ଓ ଅନ୍ୟ କେତେକ ଅଜ୍ଞାତ ବ୍ୟକ୍ତିଙ୍କୁ ପକ୍ଷଭୁକ୍ତ କରାଯାଇଛି । ଖଲିସ୍ତାନ ଆନ୍ଦୋଳନରେ ତାଙ୍କର ସମ୍ପୃକ୍ତି ଯୋଗୁଁ ହତ୍ୟା ଷଡ଼ଯନ୍ତ୍ର ହୋଇଥିବା ପନ୍ନୁ ଅଭିଯୋଗ କରିଛନ୍ତି ।

ଡୋଭାଲଙ୍କୁ ଆମେରିକା ଗସ୍ତ ସମୟରେ ତିନିଥର ସମନ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସୁରକ୍ଷାକର୍ମୀ ତାହା କରାଇ ଦେଇନଥିବା ପନ୍ନୁ ଅଦାଲତରେ ଜଣାଇଥିଲେ । ନଭେମ୍ବର ୯ରେ ଆମେରିକା ଅଦାଲତ ହେଗ୍ କନଭେନସନ୍ ଅନୁଯାୟୀ ଦିଲ୍ଲୀର ଜିଲ୍ଲା ଅଦାଲତ ମାଧ୍ୟମରେ ସମନ ପଠାଇବାକୁ ଅନୁମତି ଦେଇଥିଲେ ।

ଦ୍ୱିତୀୟ...

ଲୋକଙ୍କୁ କ୍ଷତିପୂରଣ କେବେ ମିଳିବ? ଏଭଳି ସ୍ଲାଗାନବାଜୀ କରି ଗୃହକୁ ଅଚଳ କରିଥିଲେ ବିଜେଡି ସଦସ୍ୟ । କୋଟିଆ ପ୍ରସଙ୍ଗକୁ ନେଇ କଂଗ୍ରେସ ବିଧାୟକମାନେ ଆଜି ବି ହଲ୍ଲାବୋଲ କରିଥିଲେ ।

ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁ ବାଚସ୍ପତି ସୁରମା ପାଢ଼ୀ ୧୦ଟା ୩୭ରୁ ୪ଟା ଯାଏ ଗୃହକୁ ମୁଲତବୀ କରିଥିଲେ । ଅପରାହ୍ନରେ ବି ବିରୋଧୀମାନେ ସମାନ ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା ଜାରି ରଖିଥିଲେ । ହୋହାଲ୍ଲା ଭିତରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୨୦୨୫-୨୬ର ଲୋକାଲ ଫଣ୍ଡ ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଥିଲେ । ମାତ୍ର ୭ ମିନିଟ୍ ଗୃହ ଚାଲିବା ପରେ ବାଚସ୍ପତି ଶୁକ୍ରବାର ଯାଏ ଗୃହକୁ ମୁଲତବୀ ରଖିଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ । ଗତ ଦୁଇ ଦିନ ଧରି ଲଗାତର ହୋହାଲ୍ଲା ଯୋଗୁ ଗୃହ ଚାଲିପାରୁନି । ବିରୋଧୀଙ୍କ ସହ ଆଲୋଚନା କରି ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ଅନୁରୋଧ କରିଥିଲେ । ହେଲେ ସର୍ବଦଳୀୟ ବୈଠକ ବିଫଳ ହୋଇଥିଲା ।

ଜାଲ୍ ଭୋଟର...

ଆବେଦନରେ ସମ୍ପ୍ରତି ପ୍ରକାଶିତ କେତେକ ଗଣମାଧ୍ୟମ ରିପୋର୍ଟର ଉଲ୍ଲେଖ କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ, କେତେକ ବୁଥସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ)ଙ୍କ ନାମରେ ଫର୍ମ-୭ ଦାଖଲ ହୋଇଥିଲା । କିନ୍ତୁ ସମ୍ପୃକ୍ତ ଏଜେଣ୍ଟମାନେ ଏପରି କୌଣସି ଆବେଦନ କରିନଥିବା କହିଥିଲେ । ଏପରିକି ଯେଉଁ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ଆବେଦନ କରାଯାଇଥିଲା, ସେମାନଙ୍କ ମଧ୍ୟରୁ କେତେକ ମୃତ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ ସେମାନେ ଜୀବିତ ଥିବା ଏବଂ ପୂର୍ବ ଠିକଣାରେ ରହୁଥିବା ରିପୋର୍ଟରେ ଦର୍ଶାଯାଇଥିଲା ।

ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ, ଏହି ଘଟଣା ସମ୍ପର୍କରେ ସେ ପୁଲିସରେ ଅଭିଯୋଗ କରିବା ସହ ଭାରତୀୟ ନିର୍ବାଚନ କମିଶନ ଏବଂ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଏହାର ଉତ୍ତରରେ ଖଣ୍ଡପୀଠ କହିଥିଲେ, ଆବେଦନକାରୀଙ୍କ ଅଭିଯୋଗକୁ ସମ୍ପୃକ୍ତ କର୍ତ୍ତୃପକ୍ଷ ଯାଞ୍ଚ କରନ୍ତୁ । ତେବେ ବିଏଲ୍‌ଏମାନେ ରାଜନୈତିକ ଦଳର ଏଜେଣ୍ଟ ହୋଇଥିବାରୁ ସେମାନଙ୍କ ଉପରେ ନିର୍ବାଚନ କମିଶନଙ୍କ ସିଧାସଳଖ ନିୟନ୍ତ୍ରଣ ନାହିଁ ବୋଲି ମଧ୍ୟ କୋର୍ଟ ମତ ଦେଇଥିଲେ । ଏହାପରେ ଆବେଦନର ଗୁଣବତ୍ତା ଉପରେ କୌଣସି ମତ ନଦେଇ ଖଣ୍ଡପୀଠ ମାମଲାର ଅନ୍ତ ଘଟାଇଥିଲେ । ଅଭିଯୋଗଗୁଡ଼ିକର ଯାଞ୍ଚ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ କହିଥିଲେ ।

ସୂଚନାଯୋଗ୍ୟ, ଅକ୍ଟୋବର ୨୯ରେ ନିର୍ବାଚନ କମିଶନ ଦିଲ୍ଲୀ ସମେତ ପାଞ୍ଚଟି ରାଜ୍ୟରେ ଏସ୍‌ଆଇଆର୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଥିଲେ । ଦିଲ୍ଲୀରେ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅକ୍ଟୋବର ୩୦ ପରିବର୍ତ୍ତେ ନଭେମ୍ବର ୨୫କୁ ବୃଦ୍ଧି କରାଯାଇଛି । ସେହିପରି ଦାବି ଓ ଆପତ୍ତିର ସମାଧାନ ପାଇଁ ଡିସେମ୍ବର ୧୫ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ଡିସେମ୍ବର ୨୨ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଅଗଷ୍ଟ ୩୧ରେ ପ୍ରକାଶିତ ଚିଠା ଭୋଟର ତାଲିକାରୁ ଦିଲ୍ଲୀର ପ୍ରାୟ ୪୭ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡ଼ିଥିଲା । ସଂଶୋଧନ ପୂର୍ବରୁ ଦିଲ୍ଲୀରେ ପ୍ରାୟ ୧ କୋଟି ୪୫ ଲକ୍ଷ ଭୋଟର ଥିଲେ ।

୨୪.୧୧ କୋଟି...

ଖେଳାଳୀମାନେ ଅନ୍ତର୍ଜାତୀୟ ମାନର ପଡ଼ିଆରେ ଅଭ୍ୟାସ କରିବା ଓ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଉଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପର ଠାରୁ କ୍ରୀଡା କ୍ଷେତ୍ରରେ ବେଶ ପ୍ରଂଶସନୀୟ ଉପଲବ୍ଧି ହାସଲ କରିଆସୁଛି । ଏହାର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସମୟରେ ରାଜ୍ୟ ଓ ଦେଶ ପାଇଁ ପ୍ରତିନିଧିତ୍ୱ କରିଛନ୍ତି । ତେବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କିମ୍ବା ଏହାର ମହାବିଦ୍ୟାଳୟ ଗୁଡିକରେ ଯୁଗୋପଯୋଗୀ ଖେଳ ପଡିଆ ଓ ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି । ଏହି ପରିପେକ୍ଷୀରେ ଜେଯାତି ବିହାର କ୍ୟାମ୍ପସରେ ପ୍ରସ୍ତାବିତ ସିନ୍ଥେଟିକ୍ ଟର୍ଫ ହକି ନିର୍ଦ୍ଧିଷ୍ଟ ଭାବେ ପ୍ରତିଭାର ଉନ୍ନତିରେ ସହାୟକ ହେବ । ହକି ଓ ଫୁଟବଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଜୋନାଲ ଓ ଜାତୀୟ ସ୍ତରରେ ନିୟମିତ ଭାବେ ପୁରସ୍କୃତ ହେଉଛନ୍ତି । ୨୦୨୩ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଟିମ୍ ଦେଶର ଶ୍ରେଷ୍ଠ ହକି ଦଳ ଭାବେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ବିଭିନ୍ନ ସମୟରେ ଜାତୀୟ ବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ଟିମ୍ ସ୍ୱର୍ଣ୍ଣପଦକ ହାସଲ କରିଛି । ଚଳିତବର୍ଷ ମଧ୍ୟ ଉଭୟ ଟିମ୍ ପୂର୍ବ ଜୋନ୍‌ରୁ ଜାତୀୟ ପ୍ରତିଯୋଗିତାକୁ ଉର୍ତ୍ତୀଣ ହୋଇଛନ୍ତି । ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଘୋଷିତ ଭାରତୀୟ ଦଳରେ ଏହି ବିଶ୍ୱବିଦ୍ୟାଳୟର ଛାତ୍ର ନିଲମ ସଞ୍ଜିପ ଖେପ୍, ରୋସନ କୁଜୁର ଏବଂ ଅନମୋଲ ଏକ୍କା ସ୍ଥାନ ପାଇଛନ୍ତି । ବିଶ୍ୱବିଦ୍ୟାଳୟ ପକ୍ଷରୁ ହକିରେ ଐତିହାସିକ ସଫଳତା ପାଇଁ ଏହାର ଛାତ୍ର ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ଇଗ୍ନେସ ତୀର୍କୀ ଭାରତୀୟ ହକି ଦଳରେ ରହିଥିବା ବେଳେ ୨୦୨୬ ଜୁନିୟର ଏସିଆ କପ ହକି ପାଇଁ ଛାତ୍ର ଅନମୋଲ ଏକ୍କା ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ଚଳିତବର୍ଷ ରାଜ୍ୟସ୍ତରରେ ବିଶ୍ୱବିଦ୍ୟାଳୟ ଉଭୟ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦ୍ମଶ୍ରୀ ଦିଲ୍ଲୀପ ଟିର୍କୀ ଓ ପଦ୍ମଶ୍ରୀ ଇଗ୍ନେଶ ଟିର୍କୀଙ୍କୁ ସମ୍ମାନ ସୂଚକ ଡକଫରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି । ତେବେ ହକି ଯାଦୁଗର ଧ୍ୟାନଚାନ୍ଦ ଏହି ବିଶ୍ୱବିଦ୍ୟାଳୟର ହକି ଟିମ୍‌କୁ ପ୍ରଶିକ୍ଷଣ ଦେବା ପାଇଁ ସମ୍ବଲପୁର ଆସିଥିଲେ ।

ବାତ୍ୟା ଲାଗି ବିଜେଡିର ୬ ନେତାଙ୍କୁ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର (ସବ୍ୟୁ) : ବାତ୍ୟା ଅକୱାନକୁ ଦୃଷ୍ଟିରେ ରଖି ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ବିଜେଡି ୭ ଜିଲ୍ଲା ଲାଗି ୬ ନେତାଙ୍କୁ ଦାୟିତ୍ୱ ଦେଇଛି । ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଞ୍ଜାମ ଜିଲ୍ଲା ଲାଗି ପ୍ରତାପ ଜେନା, ଗଜପତି ଲାଗି ନିରଞ୍ଜନ ପୂଜାରି, ପୁରୀ ଲାଗି ଦେବୀ ପ୍ରସାଦ ମିଶ୍ର, କନ୍ଧମାଳ ଲାଗି ପଦ୍ମନାଭ ବେହେରା, କେନ୍ଦ୍ରାପଡ଼ା ଲାଗି ପ୍ରଦୀପ ଅମାତ, ଜଗତସିଂହପୁର ଲାଗି ଅରୁଣ ସାହୁ ଓ ବାଲେଶ୍ୱର ଜିଲ୍ଲା ଲାଗି ସୁଦାମ ମାରାଣ୍ଡିଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ନେତାମାନେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଜେଡି ନେତା ଓ କର୍ମୀଙ୍କ ସହ ଯୋଗାଯୋଗ କରି ରିଲିଫ ଓ ପନରୁଦ୍ଧାର କାର୍ଯ୍ୟର ତଦାରଖ କରିବେ ।

ODISHA HYDRO POWER CORPORATION LTD
(A Gold Rated State PSU)
O/O Sr. GENERAL MANAGER, Rengali Hydro Electric Project, Rengali
P.O: RENGALI DAM SITE, DIST : ANGUL (ORISSA) INDIA, PIN : 759105
TEL : 06760-277214, FAX: 06760-277324, Email : sgmel500@gmail.com
4001/420/2627 CIN : U40101OR1995SGC00396
No. OHPC/RHEP/C&P/PUR-III-09/26-27 /- 7641/Date : 18.11.2026

TENDER CALL NOTICE NO. RHEP-26/2026-27 DATED : 18.11.2026

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized dealers / Distributors/Reputed electrical Suppliers for the following works as mentioned below:

Sl. No.	Description of Services	Cost of Tender Paper (Non-refundable)	EMD in shape of DD/ BC only (Refundable) in Rs.	Period of availability of tender at OHPC website, (Sale)	Last date & Time of receipt of tender	Date & Time of opening of Techno Commercial bid
1	2	3	4	5	6	7
1.	"PROCUREMENT OF 630A & 800A MCCB FOR UTILITY SUB-DIVISION NO-I RHEP, RENGALI"	Rs.2360.00 (Including GST 18%)	5000.00	From 25.11.2026 to Dt.08.12.2026 (Upto 1:00 PM)	Upto Dt.08.12.2026 at 1.30 PM	Dt.08.12.2026 at 04:30 PM

Further details of the tender documents, terms & conditions please visit our website **www.ohpcltd.com.**
(If the Submission and opening date of Tender paper happens to be holiday, the next working day will be the corresponding effective date.)

OIPR : 4001/4022/1/26-27/0027 Sd/- C & P Head, RHEP, Rengali

PARADIP PORT AUTHORITY
No.CE/PRD/ACCTS-12/26/335, dtd.06.11.2026
e-TENDER CALL NOTICE

Name of the work: **Construction of additional two lane Concrete Road leading from JSW Tippler to Sub Station-3 (SS-3) junction and MCHP Settling Pond to Transport Tower-4(TT-4) of MCHP inside

ଦୁଇ ନାବାଳିକା ଦୁଷ୍କର୍ମକାରୀ ଗିରଫ

ଭୁବନେଶ୍ୱର, (ସବୁ୍ୟ) : ଦୁଇଟି ଥାନା ଅଞ୍ଚଳର ଦୁଇ ନାବାଳିକା ଦୁଷ୍କର୍ମ ମାମଲାରେ ଦୁଇଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ଇଞ୍ଚୋଭ୍ୟାଲି ଥାନା ଅଞ୍ଚଳର ଗୋଟିଏ ଘଟଣା ହୋଇଥିବା ବେଳେ ଆଉ ଗୋଟିଏ ଘଟଣା ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ସୂଚନା ମିଳିଛି । ଦୁଇଟି ମାମଲାର ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ କୋର୍ଟଚାଲାର କରିଥିବା ସୂଚନା ମିଳିଛି । ଇଞ୍ଚୋଭାଲି ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ମିଛ ପ୍ରଲୋଭନ ଦେଖାଇ ବାରମ୍ବାର ଦୁଷ୍କର୍ମ କରିବା ସହ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲ କରାଇଦେବା ଧମକ ଦେଇ ବ୍ଲାକ୍‌ମେଲ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସତ୍ୟବ୍ରତ ବଳ (୨୦)କୁ ଗିରଫ କରିଛି । ଅପରାଧରେ ବ୍ୟବହୃତ ମୋବାଇଲ ପୋଲିସ ଜବତ କରିଛି । ପୀଡିତା ନାବାଳିକାଙ୍କ ଘର ସାମ୍ନାରେ ଅଭିଯୁକ୍ତ ସତ୍ୟବ୍ରତ ବଳ ଭଡାରେ ରହି ସ୍ଥାନୀୟ ଏକ ସୋଲାର କମ୍ପାନୀରେ କାର୍ଯ୍ୟ କରୁଥିଲେ । ପୀଡିତାଙ୍କ ସହ ପରିଚୟ ହେବା ପରେ ଗତ ମାର୍ଚ୍ଚ ୨୦୨୬ରୁ ଏପ୍ରିଲ୍ ୨୦୨୬ ମଧ୍ୟରେ ତାଙ୍କୁ ଭୁଲାଇ ନେଇ ବାରମ୍ବାର ଦୁଷ୍କର୍ମ କରିଥିଲା ।

କିଛିଦିନ ପରେ ପୀଡିତାଙ୍କ ଘର ପାଖରେ ଛାଡି ଅଭିଯୁକ୍ତ ଅନ୍ୟତ୍ର କାମ କରିବାକୁ ଯାଇଥିଲେ ମଧ୍ୟ ଫୋନ୍ ଯୋଗେ ନାବାଳିକାଙ୍କୁ ପୁନର୍ବାର ସମ୍ପର୍କ ରଖିବାକୁ ବାଧ କରିଥିଲେ । ନାବାଳିକା ତାଙ୍କ କଥାରେ ରାଜି ନହେବାରୁ ସେ ମୋବାଇଲରେ ରଖିଥିବା ଆପତ୍ତିଜନକ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରାଇ ଦେବାକୁ ଧମକ ଦେଇଥିଲା । ଭୟଭୀତ ହୋଇ ପୀଡିତା ନାବାଳିକା ମା'ଙ୍କୁ ଜଣାଇବା ପରେ ଅକେଫାବର ୧୩ ତାରିଖରେ ଇଞ୍ଚୋଭାଲି ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ସତ୍ୟବ୍ରତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ବାତ୍ୟା 'ଅକୱାନ' ମୁକାବିଲା ପାଇଁ ପ୍ରଶାସନର ବଡ଼ ପଦକ୍ଷେପ

ପଞ୍ଚୁକ ପାଇଁ ନଦୀଘାଟ ଓ ମନ୍ଦିର ବନ୍ଦ, ୨୦ ଓ ୨୧ ତାରିଖରେ ଡଙ୍ଗା ଚଳାଚଳ ଉପରେ କଟକଣା

କଟକ, (ସବୁ୍ୟ): ସମ୍ଭାବ୍ୟ ଭୀଷଣ ବାତ୍ୟା 'ଅକୱାନ' ଏବଂ ଏହାର ପ୍ରଭାବରେ ପ୍ରବଳ ବର୍ଷା ଓ ଝଡ଼ପବନର ମୁକାବିଲା କରିବା ସହ ଶୂନ୍ୟ ଜୀବନହାନୀ ଲକ୍ଷ୍ୟ ହାସଲ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରାଯାଇଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କଟକ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଙ୍ଗ ଜାରି ହୋଇଥିବା ବେଳେ ୨୦ ଓ ୨୧ ନଭେମ୍ବରରେ ପ୍ରବଳ ବର୍ଷା ଏବଂ ପ୍ରତିକୂଳ ପାଣିପାଗର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପଞ୍ଚୁକ ସମୟରେ ନଦୀଘାଟ ଓ ନଦୀକୂଳ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ସମାଗମ ଉପରେ ପ୍ରଶାସନ କଟକଣା ଲଗାଇଛି । ଜିଲ୍ଲାପାଳ ଜାରି କରିଥିବା ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଅନୁଯାୟୀ, ୨୦ ନଭେମ୍ବରରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଟକ ଜିଲ୍ଲା ଅଧୀନରେ ପଞ୍ଚୁକ ବ୍ରତ ପାଳନ ହେଉଥିବା ସମସ୍ତ ନଦୀଘାଟ ଓ ମନ୍ଦିର ସାଧାରଣ ଭକ୍ତ ଏବଂ ଜନସାଧାରଣଙ୍କ ପାଇଁ ସମ୍ପୂର୍ଣ୍ଣ ବନ୍ଦ ରହିବ । ତେବେ ମନ୍ଦିରଗୁଡ଼ିକର ଦୈନନ୍ଦିନ ନୀତିକାନ୍ତି ପରମ୍ପରା ଅନୁଯାୟୀ ଅଧିକୃତ ସେବାୟତ ଓ ପୂଜକଙ୍କ ଦ୍ୱାରା ବିନା ଭକ୍ତଙ୍କ ସମାଗମରେ ସମ୍ପନ୍ନ ହେବ । ସେହିପରି ୨୦ ଓ ୨୧ ନଭେମ୍ବର ପର୍ଯ୍ୟନ୍ତ କିମ୍ବା ବାତ୍ୟା ସତର୍କ ସୂଚନା ପ୍ରତ୍ୟାହାର ହେବା ପର୍ଯ୍ୟନ୍ତ ନଦୀଘାଟକୁ ଯାତାୟତ, ନଦୀରେ ସ୍ନାନ ଓ ପବିତ୍ର ବୁଡ଼ ପକାଇବା ଏବଂ ଧାର୍ମିକ କାର୍ଯ୍ୟ ସମ୍ପର୍କିତ ଘରୋଇ ଓ ବାଣିଜ୍ୟିକ ଡଙ୍ଗା ଚଳାଚଳକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ତେବେ ଆଇନଶୃଙ୍ଖଳା ରକ୍ଷାକାରୀ କର୍ମଚାରୀ, ବିପର୍ଯ୍ୟୟ ମୁକାବିଲା ଦଳ, ଜରୁରୀକାଳୀନ ଓ ଚିକିତ୍ସା ସେବା, ଅଗ୍ନିଶମ ବିଭାଗ, ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ଏବଂ ମନ୍ଦିରର ଅଧିକୃତ ସେବାୟତମାନଙ୍କୁ ଏହି କଟକଣାରୁ ବାଦ୍ ଦିଆଯାଇଛି । ନିର୍ଦ୍ଦେଶ ଉଲ୍ଲଙ୍ଘନ କଲେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିସହ ୨୦ ନଭେମ୍ବରରେ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ, କଲେଜ, ଆଇଟିଆଇ, ପଲିଟେକ୍ନିକ୍, ବିଶ୍ୱବିଦ୍ୟାଳୟ ଏବଂ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ଅଙ୍ଗନବାଡ଼ି ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ବଦଳରେ ଟେକ୍-ହୋମ୍ ରାସନ୍ ଯୋଗାଇ ଦିଆଯିବ । ବାତ୍ୟା ମୁକାବିଲା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକରେ ନୋଡାଲ ଅଫିସର ନିୟୋଜିତ ହୋଇଛନ୍ତି । ତଳିଆ ଓ ବିପଦସଙ୍କୁଳ ଅଞ୍ଚଳରେ ପ୍ରଶାସନିକ ଅଧିକାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରୁଛନ୍ତି ।

ଶିଶୁ ଦିବସରେ ପୁଷ୍ଟିକର ଖାଦ୍ୟ ବିତରଣ ପ୍ରୟାସ ଆରମ୍ଭ କଲା ଆମୱେ ଇଣ୍ଡିଆ

ଭୁବନେଶ୍ୱର, (ସବୁ୍ୟ): ଶିଶୁମାନଙ୍କର ପୁଷ୍ଟିଗତ ସ୍ୱାସ୍ଥ୍ୟରେ ଉନ୍ନତି ସାଧନ ନିମନ୍ତେ ନିଜର ସମାନ ପ୍ରତିବଦ୍ଧତା ଆଧାରରେ ସମଗ୍ର ଭାରତରେ ପିଲାମାନଙ୍କ ପାଇଁ ୧,୬୨,୦୦୦ ବିଦ୍ୟାଳୟ ଭୋଜନ ଯୋଗାଇଦେବାକୁ ଆମୱେ ଇଣ୍ଡିଆ, ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସହିତ ହାତ ମିଳାଇଛି । ଏହି ପ୍ରୟାସ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଫାଉଣ୍ଡେସନ୍‌ର ରହିଥିବା ରୋଷଶାଳାଗୁଡ଼ିକ ଜରିଆରେ ଭୋଜନ ସମର୍ଥନ ଯୋଗାଇଦେବ ଏବଂ ଆଠଟି ସ୍ଥାନରେ ଆମୱେର ବିତରକ ଓ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ନିୟୋଜନତା ଜରିଆରେ ଏହି କାର୍ଯ୍ୟର ନିକଟତର କରାଇବ ।

ଏହି ପ୍ରୟାସ ସମ୍ପର୍କରେ ମତଦେଇ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, "ଉତ୍ତମ ପୁଷ୍ଟିସାଧନ ସକାଶେ ଏକ ମଜଭୁତ ମୂଳଦୁଆ ପ୍ରଦାନ କରିଥାଏ । ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସହିତ ଆମର ନିରବଚ୍ଛିନ୍ନ ସହଯୋଗୀତା ଜରିଆରେ ଆମେ ଶିଶୁମାନଙ୍କର କଲ୍ୟାଣ ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ସମ୍ମିଳିତ ଭାବରେ ପୁଷ୍ଟିକର ଭୋଜନଗତ ସମର୍ଥନ, ସଚେତନତା ଓ ପ୍ରତ୍ୟକ୍ଷ ଅଂଶଗ୍ରହଣ ଆଣୁଛୁ । ଏହି ପ୍ରୟାସକୁ ଯାହା ବିଶେଷଭାବରେ ଉଲ୍ଲେଖନୀୟ କରି ଗଢିତୋଳୁଛି ତାହା ହେଉଛି ଆମ ବିତରକଗଣ, କର୍ମଚାରୀ ଓ ଗ୍ରାହକମାନଙ୍କର ସାମୂହିକ ସଂପୃକ୍ତି, ଯେଉଁମାନଙ୍କର ସ୍ୱେଚ୍ଛାକୃତ ଅବଦାନ ଶିଶୁମାନଙ୍କୁ ଶିକ୍ଷା ଆହରଣ, ଅଭିବୃଦ୍ଧ ଓ ସେମାନଙ୍କର ସାମର୍ଥ୍ୟକୁ ଉପଲବ୍ଧି କରିବା ଆରମ୍ଭ ଓ ଭବିଷ୍ୟତ ନମନ୍ତେ ମଜଭୁତ ଗୋଷ୍ଠୀ ନିର୍ମାଣ ପାଇଁ ନିରନ୍ତର ଭାଗୀଦାରୀ ଓ ସାମୂହିକ କାର୍ଯ୍ୟ ଅତ୍ୟାବଶ୍ୟକ ଅଟେ ।



ସମ୍ପ୍ରତି ଭାରତ ସରକାରଙ୍କର ପିଏମ୍ ପୋଷଣ କାର୍ଯ୍ୟକ୍ରମ ଦେଶବ୍ୟାପୀ ୧୦.୩୫ ଲକ୍ଷ ବିଦ୍ୟାଳୟରେ ପ୍ରାୟ ୧୧ କୋଟି ପିଲାଙ୍କୁ ପୁଷ୍ଟିକର ଭୋଜନ ଯୋଗାଇ ଦେଉଛି । ଆମୱେ ଇଣ୍ଡିଆ ଏବଂ ପିଏମ୍ ପୋଷଣ କାର୍ଯ୍ୟକ୍ରମର ଏକ ରୂପାୟନକାରୀ ସହଭାଗୀ ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ତଥା ଅନ୍ୟାନ୍ୟ ରାଜ୍ୟ ସରକାରମାନଙ୍କ ମଧ୍ୟରେ ସହଯୋଗୀତା ଶିଶୁ ଦିବସରୁ ଭୋଜନ ଯୋଗାଣ ଆରମ୍ଭ କରିଛି ଏବଂ ଏହା ଡିସେମ୍ବର ଆଦ୍ୟଭାଗ ପର୍ଯ୍ୟନ୍ତ ଜାରି ରହିବ । ଦିଲ୍ଲୀ, ଜୟପୁର, ଭୁବନେଶ୍ୱର, ଗୁଆହାଟୀ, ବେଲାରୀ, ଅହମଦାବାଦ, ଥାନେ ଓ ଚେନ୍ନଇରେ ଥିବା ଆମୱେ ବିତରକଗଣ ଓ କର୍ମଚାରୀମାନେ ଭୋଜନ ପ୍ରସ୍ତୁତି ଏବଂ ପୁଷ୍ଟିସାଧନ ତଥା ସ୍ୱାସ୍ଥ୍ୟକର ଖାଇବା ଅଭ୍ୟାସ ବିକଶିତ କରିବା ପାଇଁ ଶିଶୁମାନଙ୍କ ସହିତ ନିୟୋଜିତ ରହିବାକୁ ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ଟିମ୍‌ଗୁଡିକ ସହିତ ମିଶି କାର୍ଯ୍ୟ କରୁଛନ୍ତି ।

ରବି ରାୟ ଜନ୍ମ ଶତବାର୍ଷିକୀ ସମାପନ ସମାରୋହର ଭୁବନେଶ୍ୱର କାର୍ଯ୍ୟକ୍ରମ ୧ ଡିସେମ୍ବରକୁ ଘୁଞ୍ଚିଲା

ଭୁବନେଶ୍ୱର: (ସବୁ୍ୟ): ବାତ୍ୟାଜନିତ ପ୍ରତିକୂଳ ପାଣିପାଗ ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ୨୦ ନଭେମ୍ବର (ଆଜି) ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ହେବାକୁ ଥିବା ବିଶିଷ୍ଟ ସମାଜବାଦୀ ଜନନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜନ୍ମ ଶତବାର୍ଷିକୀର ରାଜ୍ୟସ୍ତରୀୟସମାପନ ସମାରୋହକୁ ସ୍ଥଗିତ ରଖାଯାଇଛି । ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ, ଏହି ସମାରୋହ ଆସନ୍ତା ୧ ଡିସେମ୍ବର ୨୦୨୬, ମଙ୍ଗଳବାର ପୂର୍ବାହ୍ନ ୧୦ ଘଟିକାରେ ପୂର୍ବ ନିର୍ଦ୍ଧାରିତ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ଏହି ଅନିବାର୍ଯ୍ୟ ପରିସ୍ଥିତି ପାଇଁ ଆୟୋଜକଙ୍କ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହିତ ସମସ ଅତିଥି, ଶୁଭେଚ୍ଛୁ, ଗଣମାଧ୍ୟମ ପ୍ରତିନିଧି ଓ ରବି ରାୟଙ୍କ ଅନୁଗାମୀମାନଙ୍କୁ ପରିବର୍ତ୍ତିତ ତାରିଖ ଓ ସମୟରେ ଯୋଗଦେବାକୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଏବଂ ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତିର ସମ୍ପାଦକ ଡଃ ବିଶ୍ୱଜିତ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ।



ଏଏମ୍/ଏନ୍‌ଏସ୍ ଇଣ୍ଡିଆ ହାଜିରାରେ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ ଅଟୋମୋଟିଭ୍ ଷ୍ଟିଲ୍ କମ୍ପ୍ଲେକ୍ସ

ଭୁବନେଶ୍ୱର, (ସବୁ୍ୟ): ଆର୍ସଲରମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲର ମିଳିତ ଉଦ୍ୟୋଗ, ଆର୍ସଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଗୁଜରାଟର ହାଜିରାଠାରେ ଏହାର ସମନ୍ୱିତ ଅଟୋମୋଟିଭ୍ ଷ୍ଟିଲ କମ୍ପ୍ଲେକ୍ସ ଅତି ନିକଟରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏହି କମ୍ପ୍ଲେକ୍ସ ଉଚ୍ଚ-ଶକ୍ତି ଏବଂ ଆବରଣଯୁକ୍ତ ଷ୍ଟିଲର ଘରୋଇ ଉପଲବ୍ଧତାକୁ ସମ୍ପ୍ରସାରିତ କରିବ, ଯାହା ଭାରତୀୟ ଅଟୋ ନିର୍ମାତାମାନଙ୍କୁ ସ୍ୱତନ୍ତ୍ର ଗ୍ରେଡ୍ ଷ୍ଟିଲ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସହାୟତା କରିବ । ଏହି କମ୍ପ୍ଲେକ୍ସଟି, ୨୦୨୪ ମସିହାରେ 'କଣ୍ଟିନ୍ୟୁଅସ୍ ଗାଲଭାନାଇଜିଙ୍ଗ ଆଣ୍ଡ ଆନିଲିଂ ଲାଇନ୍' (ସିଜିଏଏଲ) ଏବଂ ୨୦୨୫ ମସିହାରେ 'କଣ୍ଟିନ୍ୟୁଅସ୍ ଗାଲଭାନାଇଜିଙ୍ଗ ଲାଇନ୍' (ସିଜିଏଲ) କାର୍ଯ୍ୟକ୍ଷମ ହେବା ପରେ ନିର୍ମିତ ହୋଇଛି । ଏହାପରେ ୨୦୨୬ ମସିହାରେ ଏଥିରେ ବାର୍ଷିକ ୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ 'ପିକଲିଂ ଲାଇନ୍ ଆଣ୍ଡ ଟାଣ୍ଡେମ୍ କୋଲ୍ଡ ମିଲ୍' (ପିଏଲଟିସିଏମ୍) ସଂଯୁକ୍ତ କରାଯାଇଛି । ଏହି କମ୍ପ୍ଲେକ୍ସଟି ହାଜିରାଠାରେ କୋଲ୍ଡ ରୋଲିଂ, ଆନିଲିଂ ଏବଂ ଆବରଣ ପ୍ରକ୍ରିୟାକୁ ଏକତ୍ରିତ କରିବ । ଆର୍ସଲରମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲ୍‌ର ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି, ଏଠାରେ ୧,୧୮୦ ଏମପିଏ ପର୍ଯ୍ୟନ୍ତ ଟେନସାଇଲ୍ ଦୃଢ଼ତା ବିଶିଷ୍ଟ 'ଆଡଭାନ୍ସଡ୍ ହାଇ-ଷ୍ଟ୍ରେଙ୍ଥ ଷ୍ଟିଲ୍' (ଏଏଚଏସ୍‌ଏସ୍) ସହିତ ଗାଲଭାନାଇଜଡ୍ (ଜିଆଇ), ଗାଲଭାନିଲ୍ଡ (ଜିଏ) ଏବଂ ପ୍ରେସ୍-ହାର୍ଡେନ୍ଡ ଷ୍ଟିଲ୍ (ପିଏଚଏସ୍) ଗ୍ରେଡର ଇସ୍ପାତ ମଧ୍ୟ ଉତ୍ପାଦନ କରାଯାଇପାରିବ । ଏହି ଗ୍ରେଡ୍‌ଗୁଡ଼ିକର ଉପଲବ୍ଧତା ଅଟୋମୋବାଇଲ୍ ନିର୍ମାତାମାନଙ୍କୁ ନିର୍ଦ୍ଦିଷ୍ଟ ଯନ୍ତ୍ରାଂଶରେ ପତଳା ଇସ୍ପାତ ବ୍ୟବହାର କରିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରିବ । ଏହା ଆବଶ୍ୟକୀୟ ଶକ୍ତି ଓ ଦୃଢ଼ତା ବଜାୟ ରଖିବା ସହିତ ଯାନବାହନର ଓଜନ ହ୍ରାସ କରିବ । ଏହି ଗ୍ରେଡ୍‌ଗୁଡ଼ିକ ଦୁର୍ଘଟଣା ସମୟରେ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ନିର୍ମିତ ଗାଡ଼ିର ଢାଞ୍ଚା ଯଥା ବି-ପିଲାର୍ ଏବଂ ଡୋର୍ ଇମ୍ପାକ୍ଟ ବିମ୍‌ରେ ମଧ୍ୟ ବ୍ୟବହାର କରାଯାଇପାରିବ । ଘରୋଇ ଉତ୍ସରୁ ଇସ୍ପାତ ଯୋଗାଣ ଦ୍ୱାରା ଯୋଗାଣ ପାଇଁ ଆବଶ୍ୟକ ସମୟ ହ୍ରାସ ପାଇବା ସହିତ ଅଟୋମୋବାଇଲ୍ ନିର୍ମାତା ଏବଂ ଯନ୍ତ୍ରାଂଶ ଯୋଗାଣକାରୀମାନଙ୍କୁ ଆଗାମୀ ଉତ୍ପାଦନ ଯୋଜନା ପ୍ରସ୍ତୁତ କରିବାରେ ମଧ୍ୟ ସହାୟତା ହେବ । ଏଏମ୍/ଏନ୍‌ଏସ୍ ଇଣ୍ଡିଆ ବିକ୍ରୟ ଓ ବିପଣନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ରଞ୍ଜନ ଧର କହିଛନ୍ତି, "ହାଜିରାସ୍ଥିତ ଅଟୋମୋଟିଭ୍ ଷ୍ଟିଲ୍ କମ୍ପ୍ଲେକ୍ସ ଭାରତୀୟ ଅଟୋମୋବାଇଲ୍ ନିର୍ମାତାମାନଙ୍କୁ ସମାନ ସ୍ୱତନ୍ତ୍ର ଗ୍ରେଡ୍‌ର ଇସ୍ପାତ ପାଇଁ ଘରୋଇ ଯୋଗାଣ ସୁବିଧା ପ୍ରଦାନ କରିବ, ଯାହା ପାଇଁ ସେମାନଙ୍କୁ ପୂର୍ବରୁ ପାରମ୍ପରିକ ଭାବେ ଆମଦାନୀ ଉପରେ ନିର୍ଭର ରହିବାକୁ ପଡୁଥିଲା । ଏହି ଇସ୍ପାତଗୁଡ଼ିକ ହାଲୁକା ଓଜନର ଯାନବାହନ ନିର୍ମାଣ କରିବା ସହିତ ସୁରକ୍ଷା ମାନଦଣ୍ଡ ପୂରଣ କରିବାରେ ସହାୟକ ହେବ । ସାନନ୍ଦଠାରେ ଆଗାମୀ ଷ୍ଟିଲ୍ ସର୍ଭିସ୍ ସେଣ୍ଟର ମାଧ୍ୟମରେ ଆମେ ଗ୍ରାହକମାନଙ୍କ ନିକଟରେ ଉନ୍ନତ ଓ ସଠିକ୍ ପ୍ରକ୍ରିୟାକରଣ ସେବା ଉପଲବ୍ଧ କରାଇବୁ । ଏହି ନିବେଶଗୁଡ଼ିକ ମିଳିତ ଭାବେ ଆତ୍ମନିର୍ଭରଭାରତ ଅଭିଯାନକୁ ସମର୍ଥନ କରିବା ସହିତ ଭାରତର ଅଟୋମୋଟିଭ୍ ଯୋଗାଣ ଶୃଙ୍ଖଳକୁ ଆହୁରି ସୁଦୃଢ଼ କରିବ । ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଗୁଜରାଟର ସାନନ୍ଦଠାରେ ବାର୍ଷିକ ୫,୦୦,୦୦୦ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ସ୍ୱତନ୍ତ୍ର ଅଟୋମୋଟିଭ୍ ଷ୍ଟିଲ୍ ସର୍ଭିସ୍ ସେଣ୍ଟର (ଏସଏସସି) କାର୍ଯ୍ୟକ୍ଷମ କରିବାକୁ ଯୋଜନା କରୁଛି । ଏହି କେନ୍ଦ୍ର ଅଟୋମୋବାଇଲ୍ ନିର୍ମାତା ଏବଂ ଯନ୍ତ୍ରାଂଶ ଯୋଗାଣକାରୀଙ୍କ ପାଇଁ କଏଲ୍‌ର ସଠିକ୍ ପ୍ରକ୍ରିୟାକରଣ ସେବା ଯୋଗାଇବ । ଏହା ପୁଣେ, ଚେନ୍ନାଇ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର) ରେ ଥିବା କମ୍ପାନୀର ବର୍ତ୍ତମାନର ସର୍ଭିସ୍ ସେଣ୍ଟରଗୁଡ଼ିର ପରିପୂରକ ଭାବେ କାର୍ଯ୍ୟ କରିବ ।

ଖଣି କ୍ଷେତ୍ରର ଭବିଷ୍ୟତ କେବଳ ଖଣିଜ ସମ୍ପଦ ନୁହେଁ, ସରକାର ଓ ଶିଳ୍ପ ସଂସ୍ଥାର ସହଭାଗିତା ଉପରେ ନିର୍ଭରଶୀଳ

ଭୁବନେଶ୍ୱର (ସବୁ୍ୟ): ଭୂଗର୍ଭରେ ଲୁଚି ରହିଥିବା ଖଣିଜ ସମ୍ପଦ ଆଗାମୀ ବିଶ୍ୱ ଅର୍ଥନୈତିକ ପ୍ରତିଯୋଗିତାର ଦିଗ ନିର୍ଣ୍ଣୟ କରିପାରେ । କିନ୍ତୁ ଏହି ସମ୍ଭାବନାର ସଫଳ ଉପଯୋଗ ପାଇଁ ସରକାର ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସହଭାଗିତା ଅତ୍ୟନ୍ତ ଜରୁରୀ । ଅନୁକୂଳ ନୀତି, ସମୟୋଚିତ ନିଷ୍ପତ୍ତି ଏବଂ ଶିଳ୍ପ କ୍ଷେତ୍ରରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ହିଁ ଖଣିଜ ସମ୍ପଦକୁ ଅବ୍ୟବହୃତ ଅବସ୍ଥାରେ ରଖିବା ପରିବର୍ତ୍ତେ ଏହାକୁ ସମୃଦ୍ଧ ଶିଳ୍ପ ଓ ସୁଦୃଢ଼ ଅର୍ଥନୀତିର ଆଧାରରେ ପରିଣତ କରିପାରିବ । ଏ କ୍ଷେତ୍ରରେ ଜାମ୍ବିଆ ଏକ ଉଲ୍ଲେଖନୀୟ ଉଦାହରଣ ପାଲଟିଛି । କୋଙ୍କୋଲା କପର ମାଇନ୍ସ (କେସିଏମ୍)ର ପରିଚାଳନା ଦାୟିତ୍ୱକୁ ବେଦାନ୍ତ ପୁନର୍ବାର ଫେରି ପାଇବା ପରେ କମ୍ପାନୀର ବିକାଶ ଓ ସମ୍ପ୍ରସାରଣ ପାଇଁ ଜାମ୍ବିଆ ସରକାର ପୂର୍ଣ୍ଣ ସହଯୋଗର ଆଶ୍ୱାସନା ଦେଇଛନ୍ତି । ପରିଚାଳନା ଦାୟିତ୍ୱ ପୁନଃପ୍ରାପ୍ତି ପରଠାରୁ ନୂତନ ପୁଞ୍ଜିନିବେଶ ଯୋଗୁଁ ୨୦୨୬ ଆର୍ଥିକ ବର୍ଷରେ ତମ୍ବା ଉତ୍ପାଦନ ବୃଦ୍ଧି ପାଇଛି । ୨୦୩୦ ସୁଦ୍ଧା ବାର୍ଷିକ ୫ ଲକ୍ଷ ଟନ୍ ତମ୍ବା ଉତ୍ପାଦନ କରିବାକୁ କେସିଏମ୍ ଲକ୍ଷ୍ୟ ରଖିଛି । ଏହି ପୁନରୁଦ୍ଧାର ପ୍ରକ୍ରିୟାରେ ପ୍ରାୟ ୧୪,୫୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହାଦ୍ୱାରା କେସିଏମ୍ ଦେଶର ସର୍ବବୃହତ୍ ଘରୋଇ ନିଯୁକ୍ତିଦାତା ଭାବେ ପରିଚିତ ହୋ

ଫିକ୍କିର ଶତବାର୍ଷିକୀ ସମାରୋହ ଉଦ୍‌ଘାଟିତ

ନୂତନ ସୁଯୋଗ ସୃଷ୍ଟି କରୁଛି ବିକାଶ ଯାତ୍ରା



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକ୍କି)ର ବାର୍ଷିକ ସାଧାରଣ ସଭା ଓ ବାର୍ଷିକ ସମ୍ମିଳନୀକୁ ଉଦ୍ଘାଟନ କରିଛନ୍ତି। ଫିକ୍କିର ଶତବାର୍ଷିକୀ ଅବସରରେ ସମାବେଶକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଭାରତର ବିକାଶ ଯାତ୍ରା ନୂତନ ସୁଯୋଗ ସୃଷ୍ଟି କରୁଛି ଏବଂ ଏହାର ଲାଭ ଉଠାଇବାକୁ ଦେଶର ଉଦ୍ୟୋଗ ଜଗତ ପ୍ରସ୍ତୁତ ରହିବା ଆବଶ୍ୟକ।ଫିକ୍କିର ୧୦୦ ବର୍ଷର ଯାତ୍ରାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏକ ଅନୁଷ୍ଠାନ ଶହେ ବର୍ଷ ଧରି ସକ୍ରିୟ ରହିବା, ପରିବର୍ତ୍ତିତ ସମୟ ସହ ନିଜକୁ ବିକଶିତ କରିବା ଏବଂ ଦେଶର ଅର୍ଥନୈତିକ ଯାତ୍ରାରେ ଅବଦାନ ରଖିବା ଏକ ବଡ଼ ସଫଳତା। ଆଗାମୀ ୨୦ ବର୍ଷରେ ଭାରତୀୟ ଉଦ୍ୟୋଗ ଜଗତ କ'ଣ ହାସଲ କରିପାରିବ, ତାହା ନିର୍ଦ୍ଧାରଣ କରିବାର ସମୟ ଆସିଛି। ପ୍ରତ୍ୟେକ ଦାର୍ଘମିଆଦୀ ନିବେଶ ନିଷ୍ପତ୍ତିରେ 'ଭାରତ ପ୍ରଥମ' ନୀତିକୁ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ।ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗତ ୧୨ରୁ ୧୩ ବର୍ଷ ମଧ୍ୟରେ ପ୍ରାୟ ୫୦ କୋଟି ଭାରତୀୟ ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିଛନ୍ତି। ଭାରତର ଅର୍ଥନୀତି ପ୍ରାୟ ୭ ପ୍ରତିଶତ ହାରରେ ଅଭିବୃଦ୍ଧି କରୁଥିବା ବେଳେ ଅକ୍ଟୋବରରେ ପ୍ରାୟ ୫୦ ବିଲିୟନ୍ ଡଲାରର ସାମଗ୍ରୀ ରପ୍ତାନି ଏକ ରେକର୍ଡ ସୃଷ୍ଟି କରିଛି। ମୁଡିଜ୍, ଏସ୍‌ଆଣ୍ଡପି ଗ୍ଲୋବାଲ୍, ଫିଚ୍, ବିଶ୍ୱବ୍ୟାଙ୍କ ଓ ଏସୀୟ ବିକାଶ ବ୍ୟାଙ୍କ ଭଳି ସଂସ୍ଥା ଭାରତର ଅଭିବୃଦ୍ଧି ଆକଳନକୁ ବୃଦ୍ଧି କରୁଥିବା ସେ କହିଥିଲେ।ଔଷଧ, ଇସ୍ପାତ, ଆଲୁମିନିୟମ୍, କୃଷି ଓ ଯନ୍ତ୍ରପାତି ଉତ୍ପାଦନ କ୍ଷେତ୍ରରେ ଆମଦାନି ନିର୍ଭରଶୀଳତା କମାଇ ଘରୋଇ ଉତ୍ପାଦନ ବୃଦ୍ଧି କରିବାକୁ ସେ ଉଦ୍ୟୋଗ ଜଗତକୁ ଆହ୍ୱାନ ଦେଇଥିଲେ। ନୂତନ ପ୍ରଯୁକ୍ତିବିଦ୍ୟା, ବୃହତ୍ ଉତ୍ପାଦନ କେନ୍ଦ୍ର ଓ ମୂଲ୍ୟ ଶୃଙ୍ଖଳରେ ନିବେଶ ଦ୍ୱାରା ଭାରତ ବିଶ୍ୱସ୍ତରରେ ନିଜର ପ୍ରତିଯୋଗିତା କ୍ଷମତା ବୃଦ୍ଧି କରିପାରିବ ବୋଲି ସେ ମତ ଦେଇଥିଲେ।ଏଥିସହ ବଡ଼ କମ୍ପାନୀଗୁଡ଼ିକୁ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସହଯୋଗ କରିବା, ଉତ୍ପାଦର ଗୁଣବତ୍ତା ବୃଦ୍ଧି ଓ ବିଶ୍ୱ ବଜାରର ଆବଶ୍ୟକତା ଅନୁଯାୟୀ ଉତ୍ପାଦ ପ୍ରସ୍ତୁତ କରିବାକୁ ମୋଦୀ ପରାମର୍ଶ ଦେଇଥିଲେ। କର୍ପୋରେଟ୍ ଟିକସ ହ୍ରାସ, ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼, ଟିକସ ରିଟର୍ଣ୍ଣ ଓ ରିଫଣ୍ଡ ପ୍ରକ୍ରିୟାର ସରଳୀକରଣ ଏବଂ ଜିଏସ୍‌ଟି ହାର ହ୍ରାସ ଭଳି ସଂସ୍କାର ଦ୍ୱାରା ଶିଳ୍ପ ଓ ବ୍ୟବସାୟ କ୍ଷେତ୍ର ଲାଭବାନ ହେଉଥିବା ସେ ଉଲ୍ଲେଖ କରିଥିଲେ।ଭାରତର ଘରୋଇ ବଜାରକୁ କେବଳ ଏକ ସୁବିଧାଜନକ କ୍ଷେତ୍ର ଭାବେ ନ ଦେଖି ବିଶ୍ୱ ବଜାରରେ ପ୍ରତିଯୋଗିତା କରିବାର ଆଧାର ଭାବେ ବ୍ୟବହାର କରିବାକୁ ସେ ଉଦ୍ୟୋଗଗୁଡ଼ିକୁ ଆହ୍ୱାନ ଦେଇଥିଲେ। ନୂତନ ବାଣିଜ୍ୟ ଚୁକ୍ତି ଓ ସଂସ୍କାରର ସୁଯୋଗ ନେଇ ୧୪୦ କୋଟି ଲୋକଙ୍କ ଘରୋଇ ବଜାର ସହ ବିଦେଶୀ ବଜାରରେ ମଧ୍ୟ ନିଜର ଉପସ୍ଥିତି ବଢ଼ାଇବାକୁ ସେ ଶିଳ୍ପ ଜଗତକୁ ପରାମର୍ଶ ଦେଇଥିଲେ।

▸▸ସିବିଟିର ୨୪୦ ତମ ବୈଠକରେ ନିଷ୍ପତ୍ତି

ଅବସର ପରେ ଇପିଏଫ୍ ଟଙ୍କା କିସ୍ତିରେ ଉଠାଇ ପାରିବ

ନୂଆଦିଲ୍ଲୀ: ଚାକିରିରୁ ଅବସର ନେବା ପରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟମାନଙ୍କୁ ପିଏଫ୍ ଖାତାରେ ଥିବା ସବୁ ଟଙ୍କା ଏକାଥରେ ଆଉ ଉଠାଇବାକୁ ପଡ଼ିବ ନାହିଁ। ସେମାନେ ଚାହିଲେ, ନିୟମିତ ବ୍ୟବଧାନରେ ସେହି ଟଙ୍କା ପାଇପାରିବେ। ନିଜ ଆବଶ୍ୟକତା ଅନୁସାରେ ଖାତାରୁ ଟଙ୍କା ଉଠାଇବେ ଓ ଅବଶିଷ୍ଟ ଟଙ୍କା ଉପରେ ସୁଧ ପାଇପାରିବେ। ଏହି ଉଠାଣ ସୁବିଧା ଇପିଏଫ୍ ସଦସ୍ୟଙ୍କ ପରିବାରର ଅନ୍ୟ ସଦସ୍ୟ/ ହିତାଧିକାରୀଙ୍କୁମ ମଧ୍ୟ ମିଳିପାରିବ। ଏହି ଯୋଜନା ଆଣିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଏଫ୍ ଜମା ରାଶିକୁ ଅବସର ପରବର୍ତ୍ତୀ ସମୟ ପାଇଁ ଏକ ନିୟମିତ ଆୟ ଉତ୍ସ ଓ ସାମାଜିକ ସୁରକ୍ଷା ପାଣ୍ଠିରେ ପରିଣତ କରିବା। ଏଥିପାଇଁ ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ୨୪୦ତମ ବୈଠକରେ ଇପିଏଫ୍‌ଓର 'ବ୍ୟବସ୍ଥିତ ଉଠାଣ ଯୋଜନା'କୁ ମଞ୍ଜୁର କରାଯାଇଛି। ଏହି ଉଠାଣ ଯୋଜନା ଅଧୀନରେ ଇପିଏଫ୍‌ଓ ସଦସ୍ୟମାନେ ଚାକିରିରୁ ଅବସର ଗ୍ରହଣ କରିବା ପରେ ପିଏଫ୍ ଟଙ୍କାକୁ ନିଜ ସୁବିଧା ଅନୁସାରେ ମାସିକ, ତ୍ରୈମାସିକ କିମ୍ବା ଅର୍ଦ୍ଧବାର୍ଷିକ ଭିତ୍ତିରେ ଉଠାଇପାରିବେ ପ୍ରତିଥର ଉଠାଣ ପରେ ଖାତାରେ ଯେତିକି ଟଙ୍କା ରହିବ ତାହା ଉପରେ ସେମାନେ ଆୟ କରିପାରିବେ। ଏହି ସୁବିଧା ସମ୍ପୂର୍ଣ୍ଣ ରୂପେ ସ୍ୱେଚ୍ଛାଧୀନ ରହିଛି। କୌଣସି ସଦସ୍ୟଙ୍କୁ ସେଥିପାଇଁ ବାଧ କରାଯିବ ନାହିଁ। ତେଣୁ ଯେଉଁ ସଦସ୍ୟମାନେ ଚାହିବେ ସେମାନେ ଏକାଥରେ ମଧ୍ୟ ଖାତାର ସବୁ ଟଙ୍କା ଉଠାଇପାରିବେ। ୫୫ ବର୍ଷରୁ ଅଧିକ ବୟସର ୬.୩୨ ଲକ୍ଷ ଇପିଏଫ୍ ସଦସ୍ୟ, ଯେଉଁମାନଙ୍କ ଖାତାରେ ୫ ଲକ୍ଷ ଟଙ୍କାରୁ ଅଧିକ ଜମାରାଶି ରହିଛି, ସେମାନେ ଏହି ଯୋଜନାର ଲାଭ ପାଇପାରିବେ। ଉଠାଣ ଅବଧି ସମୟରେ ସଦସ୍ୟଙ୍କ ଦେହାନ୍ତ ଘଟିଲେ, ନୋମିନି କିମ୍ବା ପରିବାର ସଦସ୍ୟ ଅବଶିଷ୍ଟ ଟଙ୍କା ଉଠାଇପାରିବେ।ଆଜିର ବୈଠକରେ ପିଏଫ୍ ଖାତାର ସର୍ବନିମ୍ନ ବାଲାନ୍ସକୁ ରାଶିକୁ ୨୫%ରୁ ହ୍ରାସ କରି ୧୦% କରାଯାଇଛି ଓ ଚୂଡ଼ାନ୍ତ ପିଏଫ୍ ଟଙ୍କା ଉଠାଣର ପ୍ରତୀକ୍ଷା ସମୟକୁ ୧୨ ମାସରୁ କମାଇ ୨ ମାସକୁ ହ୍ରାସ କରିବା ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ସର୍ବନିମ୍ନ ବାଲାନ୍ସ ଆହୁରି ହ୍ରାସ କରାଯାଇଥିବାରୁ ସଦସ୍ୟମାନେ ନିଜ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଯଥା ସନ୍ତାନମାନଙ୍କ ବିବାହ, ପାଠପଢ଼ା ଆଦି ପାଇଁ ଖାତାରୁ ଅଧିକ ପାଣ୍ଠି ଉଠାଇପାରିବେ। ବୈଠକରେ ଇପିଏଫ୍ର ନିବେଶ ସମ୍ପର୍କିତ ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ଆସୁଥିବା ନୂଆ ପାଣ୍ଠିର ୩% ପର୍ଯ୍ୟନ୍ତ ରାଶିକୁ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍)ରେ ନିବେଶ କରିବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ କେବଳ ସରକାର ସମର୍ଥିତ ସଂସ୍ଥାଗୁଡ଼ିକରେ ସେହି ନିବେଶ କରାଯାଇପାରିବ। ଇଡିଏଲ୍‌ଆଇ ସ୍କିମ୍, କେନ୍ଦ୍ରୀୟ ସୂଚନା ପ୍ରଯୁକ୍ତି ଆଧାରିତ ବ୍ୟବସ୍ଥା (ସାଇଟ୍ସ) ୨.୦, ଇପିଏଫ୍‌ଓର ୨୦୨୬-୨୭ ଓ ୨୦୨୭-୨୮ ବଜେଟ୍ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

ବାଇକ୍, ଟ୍ୟାକ୍ସି ଚଳାଇବାକୁ ଘରୋଇ ମାଲିକଙ୍କୁ ଅନୁମତି ଦିଅ: ଗଡ଼କରୀ

ନୂଆଦିଲ୍ଲୀ: ଘରୋଇ ବାଇକ୍ ଓ ସ୍କୁଟର ମାଲିକମାନଙ୍କୁ ବାଇକ୍ ଟ୍ୟାକ୍ସି ଭାବେ ଗାଡ଼ି ଚଳାଇବାକୁ ଅନୁମତି ଦେବା ଲାଗି ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ। ରାପିଡୋ, ଓଲା ଓ ଉବର ଭଳି ଆପ୍ ଆଧାରିତ ସେବାରେ ଘରୋଇ ବାଇକ୍ ମାଲିକମାନେ ଯାତ୍ରୀ ପରିବହନ କରି ରୋଜଗାର କରିପାରିବେ। ଏହାଦ୍ୱାରା ଦେଶର ୧୫ରୁ ୨୦ କୋଟି ଲୋକ ରୋଜଗାରର ସୁଯୋଗ ପାଇପାରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।ବୁଧବାର ନୂଆଦିଲ୍ଲୀରେ ଆୟୋଜିତ 'ରାଇଡ୍' କାର୍ଯ୍ୟକ୍ରମରେ ଯୋଗଦେଇ ଗଡ଼କରୀ କହିଛନ୍ତି ଯେ କେନ୍ଦ୍ର ସରକାର ୨୦୨୫ରେ ମୋଟର ଭେଇକିଲ୍ ଏଗ୍ରିଗେଟର ଗାଇଡ୍ଲାଇନ୍ ଜାରି କରିଛନ୍ତି। ଏହା ଅନୁଯାୟୀ ଘରୋଇ ମୋଟରସାଇକଲ୍ଗୁଡ଼ିକୁ ଆପ୍ ଆଧାରିତ ସେବାରେ ଯାତ୍ରୀ ପରିବହନ ପାଇଁ ବ୍ୟବହାର କରିବାକୁ ରାଜ୍ୟ ସରକାର ଅନୁମତି ଦେଇପାରିବେ। ଏହି ନିୟମ ଲାଗୁ କରିବାକୁ ସେ ବିଭିନ୍ନ ରାଜ୍ୟର ପରିବହନ କମିସନରମାନଙ୍କୁ ଅନୁରୋଧ କରିଛନ୍ତି। ଗଡ଼କରୀଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜସ୍ଥାନ ଏହି ନିୟମକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିଛି। ହରିୟାଣା ଓ ଉତ୍ତରପ୍ରଦେଶ ଆଂଶିକ ଭାବେ ଏହାକୁ ଲାଗୁ କରିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହି ପଦକ୍ଷେପ ନେବା ଆବଶ୍ୟକ। ଏଥିପାଇଁ ସେ ରାଜ୍ୟ ସରକାରମାନଙ୍କୁ ଚିଠି ମଧ୍ୟ ଲେଖିଛନ୍ତି।ଦେଶରେ ବେକାରୀ, ଦାରିଦ୍ର୍ୟ ଓ ଆର୍ଥିକ ଅସମାନତା ଭଳି ସମସ୍ୟା ରହିଛି। ତେଣୁ ଲୋକଙ୍କୁ ସମ୍ମାନର ସହ ଜୀବନଯାପନ କରିବା ପାଇଁ ରୋଜଗାରର ସୁଯୋଗ ଦେବା ଜରୁରି ବୋଲି ସେ କହିଛନ୍ତି। ୧୫ରୁ ୨୦ କୋଟି ଲୋକ ଏହି ବ୍ୟବସ୍ଥାରୁ ରୋଜଗାର ପାଇଲେ ଦେଶର ଅର୍ଥନୀତି ଉପକୃତ ହେବା ସହ ଅନେକ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଅଶାନ୍ତ ବାଂଲାଦେଶ: ୟୁନୁସଙ୍କ ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଢାକା: ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭାରତରୁ ବାଂଲାଦେଶ ପ୍ରତ୍ୟାବର୍ତ୍ତନ ଘୋଷଣା ପରେ ପଡ଼ୋଶୀ ଦେଶରେ ରାଜନୈତିକ ହିଂସା ଉଗ୍ରରୂପ ଧାରଣ କରିଛି। ବୁଧବାର ବିଳମ୍ବିତ ରାତିରେ ବାଂଲାଦେଶର ପୂର୍ବତନ ଅନ୍ତରୀଣ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ ଚଟ୍ଟୋଗ୍ରାମ ସ୍ଥିତ ପୈତୃକ ବାସଭବନରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ସେପଟେ ନିଷିଦ୍ଧ ଘୋଷିତ ଆୱାମୀ ଲିଗ୍ ପକ୍ଷରୁ ଗୁରୁବାର ସାରା ଦେଶରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିବାରୁ ସମଗ୍ର ବାଂଲାଦେଶରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଚଟ୍ଟୋଗ୍ରାମର ପାଞ୍ଚଲାଇସ୍ ଅଞ୍ଚଳରେ ଥିବା ୟୁନୁସଙ୍କ ପୈତୃକ ଘରର ତଳ ମହଲାରେ ଥିବା ଏକ ପରିତ୍ୟକ୍ତ କୋଠରୀରେ ରାତି ପ୍ରାୟ ୧୧ଟା ୩୦ ସମୟରେ ନିଆଁଲଗାଇ ଦିଆଯାଇଥିଲା। ଘରର ଦ୍ୱିତୀୟ ଓ ତୃତୀୟ ମହଲାରେ ୟୁନୁସଙ୍କ ଦୁଇ ଭାଇଙ୍କ ପରିବାର ରହୁଥିବା ବେଳେ ତଳ ମହଲାଟି ଖାଲି ପଡ଼ିଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ମଙ୍ଗଳବାର ରାତିରେ ଆନ୍ଦୋଳନକାରୀମାନେ ତୁଙ୍ଗିପାରା ଥାନା ଉପରେ ଆକ୍ରମଣ କରି ଅଟକ ଥିବା କର୍ମୀଙ୍କୁ ମୁକୁଳାଇବା ସହ ଥାନା ଓ ପୁଲିସ ଗାଡ଼ି ଜାଳି ଦେଇଥିଲେ। ବୁଧବାର ରାତିରେ ମଧ୍ୟ ବିଏନପି ସାଂସଦ ଏସଏମ୍ ଜିଲାନୀଙ୍କ ଘର ସମେତ ୨୦ରୁ ଅଧିକ ଘର ଏବଂ ସାଂସଦ କେଏମ୍ ବାବରଙ୍କ ମାଲିକାନାରେ ଥିବା ଏକ ହସ୍ପିଟାଲରେ ନିଆଁ ଲଗାଇ ଦିଆଯାଇଛି।ଅନ୍ୟପକ୍ଷରେ, ନରାଇଲ୍ ଅଞ୍ଚଳରେ ଆୱାମୀ ଲିଗ୍ ହିଂସା ବିରୋଧରେ ବାହାରିଥିବା ଏକ ମୋଟରସାଇକେଲ ଶୋଭାଯାତ୍ରା ଉପରେ ଆକ୍ରମଣ ହେବାରୁ ଦୁଇ ଜଣ ବିଏନପି ନେତା ଶାହିନୁର ଶେଖ ଏବଂ ସୋହେଲ ମୋଲ୍ଲାଙ୍କ ମୃତ୍ୟୁ ଘଟିଛି। ରାଜଧାନୀ ଢାକାର ବିଭିନ୍ନ ସ୍ଥାନରେ ବୋମାମାଡ଼ ହେବା ସହ ଗାଡ଼ିମୋଟର ଓ ରେଳ ଧାରଣାରେ ନିଆଁ ଲଗାଇ ଦିଆଯାଇଥିବାରୁ ଗୁରୁବାର ସକାଳୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସାରା ଦେଶରେ ୯୬ ପ୍ଲାଟୁନ୍ ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ଯବାନଙ୍କୁ ମୁତୟନ କରାଯାଇଛି। ଢାକା ମେଟ୍ରୋପଲିଟାନ୍ ପୁଲିସ ଗତ ୨୪ ଘଣ୍ଟା ମଧ୍ୟରେ ଆୱାମୀ ଲିଗ୍ ଓ ଏହାର ସହଯୋଗୀ ସଂଗଠନର ୭୧ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ପୂର୍ବତନ ଶିକ୍ଷାମନ୍ତ୍ରୀ ନୁରୁଲ ଇସଲାମ ନାହିଦଙ୍କୁ ଅଟକ ରଖିଛି। ସେପଟେ ପ୍ରଧାନମନ୍ତ୍ରୀ ତଥା ବିଏନପି ମୁଖ୍ୟ ତାରିକ ରହମାନ ବିଦେଶରେ ରହି ହସିନା ଦେଶକୁ ଅସ୍ଥିର କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି। ଆୱାମୀ ଲିଗର ରାଜନୈତିକ ଗତିବିଧିକୁ ପ୍ରତିହତ କରିବା ପାଇଁ ସେ ଦଳୀୟ ସାଂସଦ ଓ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ବିଜେପି ଛାଡିଲେ କରୁଣାକରନ୍‌ଙ୍କ ଝିଅ ପଦ୍ମଜା

ଥିରୁଭାନନ୍ତପୁରମ୍: କେରଳମର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ କଂଗ୍ରେସ ନେତା କେ. କରୁଣାକରଣଙ୍କ ଝିଅ ପଦ୍ମଜା ଭେନୁଗୋପାଳ ବିଜେପି ଛାଡିଛନ୍ତି। ସେ ବିଜେପି ରାଜ୍ୟ ସଭାପତି ରାଜୀବ ଚନ୍ଦ୍ରଶେଖରଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ତାଙ୍କ ଇସ୍ତଫା ପରେ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି ଯେ, ସେ କଂଗ୍ରେସକୁ ଫେରିପାରନ୍ତି। ତଥାପି ତାଙ୍କ ଘରବାହୁଡ଼ା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ। ପଦ୍ମଜା ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ କେରଳମ୍ରେ ବିଜେପି ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରି ତ୍ରିସୁର ନିର୍ବାଚନମଣ୍ଡଳୀରୁ ଦଳୀୟ ଟିକେଟରେ ଗତ ବିଧାନସଭା ନିର୍ବାଚନ ଲଢ଼ିଥିଲେ।

ଅନୁପ୍ରବେଶ ଉଦ୍ୟମ ବିଫଳ: ସନ୍ଦିଗ୍ଧଙ୍କୁ ଧରିଲେ ଯବାନ

ନୂଆଦିଲ୍ଲୀ: ସିଆଇଏସଏଫ କର୍ମଚାରୀଙ୍କ ସତର୍କତା ଯୋଗୁଁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ(ଆଇଜିଆଇ) ବିମାନବନ୍ଦରରେ ଏକ ବଡ଼ ସୁରକ୍ଷା ତ୍ରୁଟି ଏଡାଇ ଦିଆଯାଇଛି। ଆବଶ୍ୟକୀୟ କାଗଜପତ୍ର ବିନା ଟର୍ମିନାଲ ୩ରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଜଣେ ସନ୍ଦିଗ୍ଧଙ୍କୁ ଯବାନମାନେ କାବୁ କରିଛନ୍ତି। ଅଧିକାରୀଙ୍କ ଅନୁଯାୟୀ, ଘଟଣାଟି ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଘଟିଥିଲା। ସେମାନେ କହିଛନ୍ତି ଯେ, ପଚରାଉଚରା ପାଇଁ ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରାଯାଇଥିବା ବ୍ୟକ୍ତି ଜଣକ ହରିୟାଣାର ବାସିନ୍ଦା। ସିସିଟିଭି ଭିଡିଓରେ ଦେଖାଯାଉଛି ଯେ, ସୁରକ୍ଷା କର୍ମୀମାନେ ଗେଟ୍ ପାଖରେ ଜଣେ ବ୍ୟକ୍ତିଙ୍କୁ ଅଟକାଇବାକୁ ଏବଂ ଧରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ସେ ସେମାନଙ୍କୁ ଠେଲି ଦେଇ ଜୋରଜବରଦସ୍ତ ଟର୍ମିନାଲ ଭିତରକୁ ଦୌଡ଼ି ପଳାଉଛନ୍ତି। ସୁରକ୍ଷା କର୍ମୀମାନେ ବ୍ୟକ୍ତିଙ୍କ ବ୍ୟାଗରୁ ପରିଚୟପତ୍ର ଏବଂ ଶିକ୍ଷାଗତ ପ୍ରମାଣପତ୍ର ପାଇଥିଲେ।

ମୋଦୀଙ୍କୁ ପ୍ରଶଂସା କରି ଅଡୁଆରେ ସାମ ପିତ୍ରୋଡ଼ା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିବା ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ (ଆଇଓସି) ସଭାପତି ସାମ୍ ପିତ୍ରୋଡାଙ୍କ ପାଇଁ ମହଙ୍gା ସାବ୍ୟସ୍ତ ହୋଇଛି। ପିତ୍ରୋଡାଙ୍କ ବୟାନକୁ ନେଇ ଦଳରେ ଆଭ୍ୟନ୍ତରୀଣ ବିରୋଧ ଆରମ୍ଭ ହୋଇଯାଇଛି। ଆଇଓସି ଉପସଭାପତି ଜର୍ଜ ଆବ୍ରାହମ ଓ କାନାଡାର କଂଗ୍ରେସ କର୍ମୀ ଦେବାଂଶୁ ନାରଙ୍ଗ ସାମ୍ ପିତ୍ରୋଡାଙ୍କୁ ତୀବ୍ର ବିରୋଧ କରିଛନ୍ତି ଓ ତାଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଛନ୍ତି।ନାରଙ୍ଗ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଚିଠି ଲେଖି ସାମ୍ ପିତ୍ରୋଡାଙ୍କ ବୟାନ ଲଜ୍ଜାଜନକ ବୋଲି କହିଛନ୍ତି। ନାରଙ୍ଗଙ୍କ କହିବା କଥା ଯେ, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାରେ ଅନେକ ଦଳୀୟ କର୍ମୀ ଆଶ୍ଚର୍ଯ୍ୟ ଓ ନିରାଶ ହୋଇଛନ୍ତି। ସେ ଦାବି କରିଛନ୍ତି ଯେ, ଦଳର ହାଇକମାଣ୍ଡ ତୁରନ୍ତ ଓଭରସିଜ୍ କଂଗ୍ରେସ ସଭାପତି ପଦରୁ ସାମ୍ ପିତ୍ରୋଡାଙ୍କୁ ବହିଷ୍କାର କରନ୍ତୁ। ଅନ୍ୟପକ୍ଷରେ ଆଇଓସି ଉପସଭାପତି ଜର୍ଜ ଆବ୍ରାହମ ସାମ ପିତ୍ରୋଡାଙ୍କୁ ଏକ ଇମେଲ୍ ପଠାଇ ତାଙ୍କର ଆପତ୍ତି ଜଣାଇଛନ୍ତି। ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ, ଦୟାଳୁ ଓ ସ୍ନେହୀ ବ୍ୟକ୍ତି ଭାବରେ ବର୍ଣ୍ଣନା କରିବା ଉପରେ ଆବ୍ରାହମ ପ୍ରଶ୍ନ ଉଠାଇଛନ୍ତି। ସେ ବିଶ୍ୱାସ କରନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କର ପୂର୍ବରୁ ଭାରତୀୟ ପ୍ରବାସୀମାନଙ୍କ ମଧ୍ୟରେ ଦୃଢ଼ ସମର୍ଥନ ଅଛି ଓ ଯେତେବେଳେ କଂଗ୍ରେସର ବିଦେଶୀ ୟୁନିଟର ମୁଖ୍ୟ ଖୋଲାଖୋଲି ଭାବରେ ତାଙ୍କର ପ୍ରଶଂସା କରିବେ, ସେତେବେଳେ ଜନସାଧାରଣ ବ୍ୟକ୍ତିଗତ ବନ୍ଧୁତା ଓ ରାଜନୈତିକ ସମର୍ଥନ ମଧ୍ୟରେ ପାର୍ଥକ୍ୟ କରିପାରିବେ ନାହିଁ।

ଆଜି ଏସସିଓ ସମ୍ମିଳନୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନ ୫ଟା ୩୦ରେ ନୂଆଦିଲ୍ଲୀର ପୁରାନା କିଲ୍ଲାଠାରେ ପ୍ରଥମ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସଭ୍ୟତାଭିତ୍

୨୦ରୁ ଚାଷୀସ୍ୱାମୀଙ୍କ ନିଦ୍ୟାମ ନେତୃତ୍ୱରେ ଆଲୁ ଚାଷିମାନେ , ଉତ୍ତିଆ ଚାଷିମାନେ ଅଧିକ ଲାଭବାନ ହେବେ



ଭବତରଣି,୧୯।୧୧(ସମ୍ବାଦ): ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଆଳୁ ଚାଷ କରୁଥିବା ଚାଷୀମାନେ ଚଳିତ ବର୍ଷ ଅଧିକ ଲାଭବାନ ହେବା ଲକ୍ଷ୍ୟରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଆଳୁ ଚାଷ ପାଇଁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ଜିଲ୍ଲାର ୭ଟି ବ୍ଲକ୍‌ରେ ୭ଟି ଚାଷୀସ୍ୱାମୀଙ୍କ ନିଦ୍ୟାମ ନେତୃତ୍ୱରେ ୭ଟି ଆଳୁ ଚାଷ ଗୋଷ୍ଠୀ ଗଠନ କରାଯାଇଛି । ଏହି ଗୋଷ୍ଠୀ ଅନ୍ତର୍ଗତ ୭୦୦ ଜଣ ଚାଷୀଙ୍କୁ ଆଳୁ ଚାଷ ସମ୍ପର୍କରେ ତାଲିମ ଦିଆଯାଇଛି । ଏହି ଚାଷୀମାନେ ଚଳିତ ବର୍ଷ ୨୦୦ ଏକର ଜମିରେ ଆଳୁ ଚାଷ କରିଛନ୍ତି । ଏଥିପାଇଁ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତ ମାନର ବିହନ ଆଳୁ, ସାର, ଔଷଧ ଓ ଜୈବିକ ସାର ଆଦି ଯୋଗାଇ ଦିଆଯାଇଛି । ଏଥିସହିତ ଚାଷୀମାନେ ଯେପରି ଅଧିକ ଲାଭବାନ ହୋଇପାରିବେ ସେଥିପାଇଁ ଆଳୁ ଚାଷ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବା